ବିଦ୍ୟାଳୟ ନେତୃତ୍ୱ

# ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ ରୂପାନ୍ତରଣ : ବିଦ୍ୟାଳୟରେ ଏକ ଶିକ୍ଷଣ ସଂସ୍କୃତିର ବିକାଶ

## Transforming teaching-learning process: developing an effective learning culture in your school





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚ୍ଳଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ବିଦ୍ୟାଳୟ ନେତୃତ୍ୱ 12
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସ ମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଏହି ଅଧ୍ୟାୟ / ଏକକରେ ବିଦ୍ୟାଳୟ ସଂସ୍କୃତିର ପ୍ରଭାବ ପକାଉଥିବା ଉପାଦାନ ଓ ପରିସର ବିଷୟରେ ପରିଚିତ କରାଯାଇଛି। ରାଜି ହୋଇଥିବା ସାମୂହିକ ମୂଲ୍ୟବୋଧ, ଧାରଣା, ବିଶ୍ୱାସରୁ ହିଁ ବିଦ୍ୟାଳୟ ସଂସ୍କୃତି ସୃଷ୍ଟି ହୋଇଥାଏ। ଏଗୁଡ଼ିକ ବିଭିନ୍ନ ବ୍ୟକ୍ତିଙ୍କ ସହ ପାଠ୍ୟକ୍ରମ, ଶିକ୍ଷା ବିଜ୍ଞାନ, ସମ୍ବଳ, ସାଙ୍ଗଠନିକ ବ୍ୟବସ୍ଥା ଓ ଭୌତିକ ପରିବେଶ ସହ ସମ୍ପର୍କ ସ୍ଥିର କରିଥାଏ। ସମସ୍ତ ବିଦ୍ୟାଳୟଗୁଡ଼ିକ ଗୋଷ୍ଠୀରେ ହିଁ ଅବସ୍ଥିତ ଏବଂ ବିଦ୍ୟାଳୟର ମୂଲ୍ୟବୋଧଗୁଡ଼ିକ ଏହି ଗୋଷ୍ଠୀରୁ ହିଁ ଆସିଥାଏ ଓ ଏହାକୁ ପ୍ରଭାବିତ କରିଥାଏ।

ବିଦ୍ୟାଳୟ ସଂସ୍କୃତି କହିଲେ ଗୋଟିଏ ବିଦ୍ୟାଳୟର ଲୁକ୍କାୟିତ ପାଠ୍ୟକ୍ରମକୁ ହିଁ ବୁଝାଏ (ପୋଲାର୍ଡ ଓ ଟ୍ରିପସ୍ ୧୯୯୭) ଏହା ସଂସ୍କୃତି, କର୍ମ, ପ୍ରଥା, ପ୍ରତୀକ, ଗଣ ଓ ବିଦ୍ୟାଳୟର ଭାଷାକୁ ନେଇ ଗଠିତ ହୋଇଥାଏ । ଶିକ୍ଷାର୍ଥୀମାନେ ସେମାନଙ୍କ ଅବଚେତନ ମନରେ ବ୍ୟବହାର ଓ ଆଶାଗୁଡ଼ିକୁ ବିଦ୍ୟାଳୟର ସଂସ୍କୃତିର ଆହରଣ କରିଥାନ୍ତି ଯାହାକି ପ୍ରତ୍ୟକ୍ଷ ଭାବରେ ସେମାନଙ୍କ ଶିକ୍ଷଣ ଉପରେ ପ୍ରଭାବ ପକାଇଥାଏ।



**ଚିତ୍ର ୧**: ବିଦ୍ୟାଳୟର ସଂସ୍କୃତି ଶିକ୍ଷଣକୁ ପ୍ରଭାବିତ କରିପାରେ

ବିଦ୍ୟାଳୟ ସଂସ୍କୃତିର ବିଭିନ୍ନ ଦିଗ ଉପରେ ପରିବର୍ତ୍ତନ କରିବା ଏକ ସହଜ ପ୍ରକ୍ରିୟା ନୁହେଁ। ଆପଣ ଯେଉଁ ପଦକ୍ଷେପ ନେବେ ତାହାର ଫଳାଫଳ ଅନେକ ମାସ ଓ ବର୍ଷ ଧରି ମଧ୍ୟ ଦେଖାଦେଇ ନ ପାରେ। ପ୍ରକୃତ ତଫାତ ଦେଖିବା ପୂର୍ବରୁ ବିଦ୍ୟମାନ / ଉପସ୍ଥିତି ଥିବା ସଂସ୍କୃତି ଓ ସହଯୋଗୀ ବ୍ୟବହାରକୁ ଦୃଢ଼ ଭାବରେ ସ୍ଥାପନ କରିବା ପାଇଁ ଏକ ଦୀର୍ଘମିଆଦି ଓ ବର୍ଦ୍ଧିତ ଅନୁକ୍ରମ ପରିବର୍ତ୍ତନର ଆବଶ୍ୟକତା ହୁଏ । ଯାହା ବି ହେଉ ମୁଖ୍ୟ ପରିବର୍ତ୍ତନ ଆପଣଙ୍କ ପରିକଳ୍ପନା ଓ ମୁଖ୍ୟ ପରିବର୍ତ୍ତନ ବିଦ୍ୟାଳୟ ସଂସ୍କୃତି ଉପରେ ପ୍ରଭାବ ପଡ଼ିଥାଏ। ଫଳପ୍ରଦ ଶିକ୍ଷଣ ପାଇଁ ଆପଣ କରିଥିବା ପରିକଳ୍ପନାକୁ ବିକଶିତ କରିବା ଭାରି କଷ୍ଟକର ହୋଇପଡ଼େ। ଏହି ଏକକ ଆପଣଙ୍କୁ ନିଜ ବିଦ୍ୟାଳୟର ଶିକ୍ଷଣ ସଂସ୍କୃତି ସମ୍ପର୍କରେ ଭାବିବା ପାଇଁ ସାହାଯ୍ୟ କରିବ।

### ଶିକ୍ଷଣ ଡାଏରୀ:

ଏହି ଏକକରେ କାମ କରିବା ବେଳେ ଆପଣ ନିଜେ ଡାଏରୀ ଖାତା ବା ଫୋଲଡରରେ ନିଜର ଭାବନା ଓ ଯୋଜନାକୁ ଟିପିକରି ରଖିବା ପାଇଁ କୁହାଯିବ । ବୋଧହୁଏ ଆପଣ ଆରମ୍ଭ କରିସାରିଥିବେଣି ?

ଏହି ଏକକରେ ଏକୁଟିଆ କାମ କରୁଥିବା ବେଳେ ଯଦି ଆପଣ ଅନ୍ୟ ବିଦ୍ୟାଳୟର ମୁଖ୍ୟମାନଙ୍କ ସହ କଥାବାର୍ତ୍ତା ହେବେ ଆପଣ ଅଧିକ ଶିଖିପାରିବେ। ସେ ଜଣେ ସହକର୍ମୀ ହୋଇପାରନ୍ତି ଯାହା ସହିତ ଆପଣ ମିଶିକି କାମ କରିଥିବେ ବା ନୂତନ ଭାବରେ ସମ୍ପର୍କ ରଖିଥିବା ବ୍ୟକ୍ତି ସହ କଥାବାର୍ତ୍ତା କରିପାରିବେ। ଏହାକୁ ଏକ ଯୋଜନାବଦ୍ଧ ଭାବେ ସଙ୍ଗଠିତ କରାଯାଇପାରିବ ବା ଅନୈପଚାରିକ ଭାବରେ କରାଯାଇପାରେ। ଆପଣଙ୍କର ଦୀର୍ଘମିଆଦୀ ବିକାଶ ପାଇଁ ଯୋଜନା କରିବା ବେଳେ ମଧ୍ୟ ସାହାଯ୍ୟ କରିପାରେ।

## ଏହି ଏକକରେ ବିଦ୍ୟାଳୟର ମୁଖ୍ୟମାନେ କ'ଣ ଶିଖିବେ

- ବିଦ୍ୟାଳୟର ସଂସ୍କୃତି କ'ଣ ଓ କିପରି ଏହା ଶିକ୍ଷଣକୁ ପ୍ରଭାବିତ କରେ ।
- ନିଜ ବିଦ୍ୟାଳୟର ସଂସ୍କୃତିକୁ ଚିହ୍ନଟ ଆରମ୍ଭ
- ସକରାତ୍ମକ ଭାଗିଦାରୀ ସଂସ୍କୃତି ବିକାଶ ପାଇଁ କେତେକ ଉପାୟ ଅବଲମ୍ବନ କରି ବିଦ୍ୟାଳୟର ଶିକ୍ଷଣରେ ଉନ୍ନତି ଆଣିପାରିବେ ।


## ୧ ବିଦ୍ୟାଳୟ ସଂସ୍କୃତି କ'ଣ ଓ ଏହା ଶିକ୍ଷଣ ଉପରେ କିପରି ପ୍ରଭାବ ପକେଇଥାଏ

ଯେଉଁ ବିଦ୍ୟଶଳୟଗୁଡ଼ିକ ସକରାତ୍ମକ ଅଂଶୀଦାର ସଂସ୍କୃତିକୁ ବିକାଶ କରି ଧରିରଖିପାରନ୍ତି । ସେମାନେ ଜାଣିଥାନ୍ତି ଯେ ଶିକ୍ଷଣର ପରିବେଶ ସୃଷ୍ଟି କରିବାରେ ସଂସ୍କୃତିର କେଉଁସବୁ ଦିଗ ବିଶେଷ ସୃଷ୍ଟି କରିବାରେ ସଂସ୍କୃତିର କେଉଁସବୁ ଦିଗ ବିଶେଷ ଭାବରେ ପ୍ରଭାବ ପକାଇଥାଏ । ସମୂହ ସଚେତନତା ଓ କାର୍ଯ୍ୟ ମାଧମରେ ପିଲାଙ୍କର ଶିକ୍ଷଣ ଓ ଉପଲବ୍ଧି ବୃଦ୍ଧି କରିବା ପାଇଁ ସଂସ୍କୃତିକୁ ଠିକ୍ ଭାବରେ ବ୍ୟବହାର କରାଯାଇପାରିବ । ଏହା ହୁଏ ତ ଛୋଟ କାମ ମାଧମରେ ମଧ କରାଯାଇପାରେ । ଯଥା- ପାଠ୍ୟକ୍ରମର ପୁନର୍ଗଠନ ପାଇଁ ଶିକ୍ଷକ, ପିଲା ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ଅବଦାନକୁ ଜଣାଇବା ।

ଯଦିଓ ଏହା ସ୍ଥିର ଥିବା ଭଳି ମନେହୁଏ, କିନ୍ତୁ ସଂସ୍କୃତି ଗତିଶୀଳ ଅଟେ । ଯାହା ଆଇନ, ସରକାରୀ ନୀତି ଓ ନେତୃତ୍ୱର ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୋଇଥାଏ । ତେଣୁ ବିଦ୍ୟାଳୟର ମୁଖ୍ୟମାନେ ସଚେତନ ହେବା କଥା ଯେ ଜାଣତରେ ହେଉ କି ଅଜାଣତରେ ହେଉ କ'ଣ ସବୁ ବିଦ୍ୟାଳୟ ସଂସ୍କୃତିର ଦିଗକୁ ପରିବର୍ତ୍ତନ କରୁଛି ଏବଂ ନିଶ୍ଚିତ ହେବା ଯେ ଶିଖିବାର ସଂସ୍କୃତି ଓ ସଫଳତା ଯେପରି କେବେ ବି ବିପଦରେ ନ ପଡୁ । ଗବେଷଣାରୁ ଜଣାପଡ଼ିଛି ଯେ, ବିଦ୍ୟାଳୟର ମୁଖ୍ୟମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ସେମାନେ ନିଶ୍ଚିତ କରିବେ ଯେ ସଂସ୍କୃତି ଉପରେ ପିଲାଙ୍କର ସଫଳତା ନିର୍ଭର କରେ । ଜଣେ ବିଦ୍ୟାଳୟର ମୁଖ୍ୟ କିଛି ବି ପରିବର୍ତ୍ତନ କରିବା ପୂର୍ବରୁ ବିଦ୍ୟାଳୟରେ ଥିବା ସଂସ୍କୃତିକୁ ଚିହ୍ନଟ କରିବା ଜରୁରୀ ଅଟେ । ସକରାତ୍ମକ ବିଦ୍ୟାଳୟ ସଂସ୍କୃତିର ସଂଜ୍ଞାକୁ ମୋଟାମୋଟି ଭାବେ ଏଭଳି ଭାବରେ କୁହାଯାଇପାରେ (Character Education partnership 2010) ଚାରିତ୍ରିକ ଶିକ୍ଷା ପାଇଁ ସହଭାଗିତା ୨୦୧୦

- **ସାମାଜିକ ବାତାବରଣ :** ଯେଉଁଠି ସବୁ ଶିକ୍ଷାର୍ଥୀ ନିରାପଦ ଓ ଯତ୍ନଶୀଳ ପରିବେଶରେ ରହିବେ । ସବୁ ଶିକ୍ଷାର୍ଥୀଙ୍କୁ ଲାଗିବ ଯେ ସେମାନଙ୍କୁ ଗୁରୁତ୍ୱ ଦିଆଯାଉଛି । ଏହା ଦ୍ୱାରା ସେମାନଙ୍କ ଭିତରେ ନିଜ ବିଦ୍ୟାଳୟ ପାଇଁ ଆପଣା ଭାବ ଆସିବ ଯାହାକି ନୈତିକ ବିକାଶରେ ସାହାଯ୍ୟ କରିଥାଏ ।
- **ଜ୍ଞାନର ବାତାବରଣ :** ଅର୍ଥ ହେଉଛି ଯେଉଁଥିରେ ପ୍ରତି ଶ୍ରେଣୀର ପ୍ରତ୍ୟେକ ଶିକ୍ଷାର୍ଥୀ ସେମାନଙ୍କର ନିପୁଣତାର ସ୍ତରରେ ସମସ୍ୟାଗୁଡ଼ିକୁ ସମାଧାନ କରିବେ ଓ ଗୁଣାତ୍ମକମାନ ହାସଲ କରିବା ପାଇଁ ସହାୟତା ଦିଆଯାଏ । ଏହା ଏକ ସମୃଦ୍ଧ, ସଠିକ୍ ଏବଂ କ୍ରିୟାଶୀଳ ପାଠ୍ୟକ୍ରମ ଆବଶ୍ୟକ କରେ ଏବଂ ଏହାର ଶିକ୍ଷାଦାନ ପାଇଁ ଏକ ଶକ୍ତିଶାଳୀ ଶିକ୍ଷା ବିଜ୍ଞାନର ଆବଶ୍ୟକତା ରହିଛି ।
- **ନିୟମ ଧାରା :** ଯେଉଁଥିରେ ବିଦ୍ୟାଳୟର ସମସ୍ତ ସଭ୍ୟମାନେ ଉଚ୍ଚମାନର ଗୁଣାତ୍ମକ ଶିକ୍ଷା ପାଇଁ ଉତ୍ତରଦାୟୀ ହେବେ ।
- **ପରମ୍ପରା ଓ ରୁଟିନ୍ :** ଏହା ଭାଗିଦାରୀ ମୂଲ୍ୟବୋଧରୁ ସୃଷ୍ଟି ହୋଇଥାଏ ଯାହା ବିଦ୍ୟାଳୟର ଶୈକ୍ଷିକ ଓ ସାମାଜିକ ମାନକୁ ବଳବତ୍ତର କରିଥାଏ ।
- **ଗଠନ (Structure) :** ଏଥିରେ ଶିକ୍ଷାର୍ଥୀ ଓ ସହକର୍ମୀମାନଙ୍କୁ ସ୍ୱର ଉତ୍ତୋଳନ ପାଇଁ ଅଧିକାର ଦିଆଯାଇଥାଏ। ବିଦ୍ୟାଳୟର ପରିବେଶ ଓ ସାଧାରଣ ଜୀବନକୁ ପ୍ରଭାବିତ କରୁଥିବା ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଦାୟିତ୍ୱ ଦିଅନ୍ତି ଓ ନିଷ୍ପତ୍ତି ମଧ ନିଅନ୍ତି ।
- **ପିତାମାତାଙ୍କ ସହ ଫଳପ୍ରଦ ଭାବେ କାମ କରିବାର ଉପାୟ :** ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଓ ଚରିତ୍ର ଗଠନରେ ସହାୟତା ପ୍ରଦାନ କରେ ।

- **ସମ୍ପର୍କ ଓ ବ୍ୟବହାର ପାଇଁ ମାନ :** ଏହା ବୃତ୍ତିଗତ ସଂସ୍କୃତି ଉତ୍କର୍ଷ ଓ ନୈତିକ ଅଭ୍ୟାସ ସୃଷ୍ଟି କରିଥାଏ ।



**ଚିତ୍ର ୨ :** ଆପଣଙ୍କ ବିଦ୍ୟାଳୟରେ ସକରାତ୍ମକ ବିଦ୍ୟାଳୟ ସଂସ୍କୃତି ଅଛି କି ?

ଏହି ସଂଜ୍ଞା ବିଦ୍ୟାଳୟର ଶୈକ୍ଷିକ ଓ ସାମାଜିକ ଜୀବନ ଯାଏଁ ବ୍ୟାପିଥାଏ । ଯାହା ବି ହେଉ ପ୍ରତିଟି ବିନ୍ଦୁ ହିଁ ଶିକ୍ଷାର୍ଥୀଙ୍କର ଶିକ୍ଷଣରେ ପ୍ରତ୍ୟେକ୍ଷ ଭାବରେ ପ୍ରଭାବ ପକାଇବାର ଦେଖାଯାଏ । ଏହା ହୁଏ ତ ସଂସ୍କୃତିର ଉତ୍କର୍ଷତା ମାଧ୍ୟମରେ ହୋଇଥାଏ ବା ନିଶ୍ଚିତ ହେବା ଯେ ପିଲାମାନଙ୍କର ନିରାପଦ ଅନୁଭବ କରୁଛନ୍ତି ଓ ଧ୍ୟାନ ସହକାରେ ଶୁଣି କାର୍ଯ୍ୟ କରିଛନ୍ତି । ଜାତୀୟ ପାଠ୍ୟକ୍ରମ ଆଧାର ଏହା କହି ସ୍ୱୀକୃତି ଦେଇଛି ଯେ ପିଲାମାନେ ସମାଜରେ ଆତ୍ମନିର୍ଭରଶୀଳ ଦକ୍ଷତା ସମ୍ପନ୍ନ ଓ ଶାନ୍ତି ପାଇଁ ମୂଲ୍ୟବୋଧ ଓ ସ୍ୱାସ୍ଥ୍ୟର ଧାରା ସହ ଜଡ଼ିତ ହୋଇ ସେମାନଙ୍କର ସାମାଜିକ ବିକାଶ ହୋଇଥାଏ । ଏଥିପାଇଁ ବିଦ୍ୟାଳୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । (ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ପୃଷ୍ଠା ୩୫)

ଜାତୀୟ ପାଠ୍ୟକ୍ରମ ଆଧାରରେ ଦୀର୍ଘମିଆଦି, ବିକାଶଶୀଳ ସଂସ୍କୃତିକୁ ସଚେତନ ଭାବେ ସୃଷ୍ଟି କରିବା ଉଲ୍ଲେଖ ଅଛି । ସେଠାରେ ଉଲ୍ଲେଖ ଅଛି ଯେ, ପିଲାମାନେ ସକାଳୁ ଉଠି ଜାଣିପାରିବେ ନାହିଁ ଯେ କିପରି ଭାବେ ଅଂଶଗ୍ରହଣ କରି ଗଣତନ୍ତ୍ରର ସଂରକ୍ଷଣ ଓ ବିକାଶ କରିବେ, ଯଦି ଏ ସମ୍ବନ୍ଧରେ ସେମାନଙ୍କର ପୂର୍ବରୁ କିଛି ବ୍ୟକ୍ତିଗତ ବା ପରୋକ୍ଷ ଅଭିଜ୍ଞତା ବା ଅନ୍ୟ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକୁ ଅନୁସରଣ କରି ଶିକ୍ଷା କରି ନ ଥିବେ । ବିଶେଷ ଭାବରେ ଏଠାରେ ଏହାର ଗୁରୁତ୍ୱଗୁଡ଼ିକ ସମ୍ପର୍କରେ କୁହାଯାଇଛି ।

- ପଠନର ଅଭ୍ୟାସ
- ନୂତନ ଜିନିଷ ଖୋଜିବା କୌତୂହଳୀ ହେବା ଓ ପ୍ରତ୍ୟେକ୍ଷ ଅଭିଜ୍ଞତା ପାଇବାର ମନୋବୃତ୍ତି ରଖିବା ।
- ବ୍ୟକ୍ତିତ୍ୱକୁ 'ଶିକ୍ଷାର୍ଥୀ' ବୋଲି ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ଅନ୍ତର୍ନିହିତ ଶକ୍ତି ଓ ଜିଜ୍ଞାସୁ ମନୋବୃତ୍ତିକୁ ପ୍ରଖର କରିବା ଭଳି ଏକ ପରିବେଶ ସୃଷ୍ଟି କରିବ ।
- ପରସ୍ପର ମଧ୍ୟରେ ସମ୍ପର୍କ ରଖିବା ପାଇଁ ଜଣେଇ ଦେବା । ଶିକ୍ଷକମାନଙ୍କର ମନୋବୃତ୍ତି, ମାନ ଓ ମୂଲ୍ୟବୋଧଗୁଡ଼ିକ ବିଦ୍ୟାଳୟ ସଂସ୍କୃତିର ଏକ ଅଂଶ ଅଟେ ।

ଅତି ନିକଟରେ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ର ଧାରା ୧୭ରେ ବିଦ୍ୟାଳୟର ସଂସ୍କୃତି ସମ୍ପର୍କରେ କୁହାଯାଇଛି । କାରଣ ଏଥିରେ କୁହାଯାଇଛି ଯେ, କୌଣସି ବି ପିଲାକୁ ଦଣ୍ଡ ବା ମାନସିକ ସ୍ତରର ନିର୍ଯାତନା ଦେଇପାରିବେ ନାହିଁ । ଏହା ବିଦ୍ୟାଳୟର ମୁଖ୍ୟମାନଙ୍କୁ ଡାକରା ଦିଏ ଯେ, ବିଦ୍ୟାଳୟକୁ ସମସ୍ତ ପିଲା ପାଇଁ ସହଜ ଓ ସୁବିଧାରେ କାମ କରିବା ଭଳି ଓ ସମସ୍ତ ସୁବିଧା ଥିବା ଭଳି ସ୍ଥାନରେ ତିଆରି କରିବେ ଯାହାଦ୍ୱାରା ପିଲାମାନେ ଚାପମୁକ୍ତ ହେବେ, ଶିଶୁ ସୁଲଭ ଉପାଦାନ (Child friendly) ଓ ଶିଶୁ କୈନ୍ଦ୍ରିକ ଶ୍ରେଣୀ ପରିବେଶ

ମଧ୍ୟ ସୃଷ୍ଟି କରିବେ । ଏହି ସବୁ କରିବା ପାଇଁ ଶୃଙ୍ଖଳା, ଦଣ୍ଡ ଓ ଶିକ୍ଷକ ଶିକ୍ଷାର୍ଥୀଙ୍କ ସମ୍ପର୍କରେ ସଂଜ୍ଞାକୁ ପୁନର୍ବାର ନିରୂପଣ କରିବା ଆବଶ୍ୟକତା ରହିଛି । ପୁନର୍ବାର ଜାତୀୟ ପାଠ୍ୟକ୍ରମ ଆଧାର ୨୦୧୪ରେ ବିଦ୍ୟାଳୟର ମୁଖ୍ୟମାନଙ୍କର ଦକ୍ଷତାକୁ ବିକାଶ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି । ଯାହାଫଳରେ ସେମାନେ ରୂପାନ୍ତରିତ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କର ଲାଳନପାଳନ ସହ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସୁବିଧା ସୁଯୋଗ ଦେବେ ।

ଆଦର୍ଶ ଓ ଭାଗିଦାରୀ ସଂସ୍କୃତି ଭିତ୍ତି ସ୍ଥାପନାରେ ବିଦ୍ୟାଳୟର ମୁଖ୍ୟମାନଙ୍କ ଭୂମିକା ବୁଝିବା ପୂର୍ବରୁ ଏହା ନିହାତି ଭାବେ ଚିନ୍ତା କରିବାର ଦରକାର ଯେ କିପରି ସଂସ୍କୃତିର ବିଭିନ୍ନ ଦିଗଗୁଡ଼ିକ ବିଦ୍ୟାଳୟରେ କାମ କରୁଛି । ଶିକ୍ଷଣକାର୍ଯ୍ୟ ୧ ଆପଣଙ୍କୁ ବିଦ୍ୟାଳୟ ସଂସ୍କୃତିର ନିଜସ୍ୱ ବୁଝାମଣାକୁ ଉପରେ ଦିଆଯାଇଥିବା ଚାରିତ୍ରିକ ଶିକ୍ଷା ପାଇଁ ଭାଗୀଦାରିତା ସଂଜ୍ଞା ସହ ଚିନ୍ତା କରିବାକୁ ସାହାଯ୍ୟ କରିବ

### ଶିକ୍ଷଣକାର୍ଯ୍ୟ – ୧ : ବିଦ୍ୟାଳୟରେ ହେଉଥିବା ଭଲକାମଗୁଡ଼ିକର ଉଦାହରଣଗୁଡ଼ିକୁ ଚିହ୍ନଟ କରିବା ।

ଉପରେ ଦିଆଯାଉଥିବା ସାତଟି ବୁଲେଟ ପଏଣ୍ଟ୍‌ବ) ବିନ୍ଦୁଗୁଡ଼ିକୁ ପୁଣିଥରେ ଦେଖନ୍ତୁ ଯାହା କି CEP ବିଦ୍ୟାଳୟ ସଂସ୍କୃତିର ସଂଜ୍ଞାରେ କୁହାଯାଇଛି । ପ୍ରତିବିନ୍ଦୁ ପାଇଁ ଆପଣ ନିଜ ଶିକ୍ଷଣ ଡାଏରୀରେ ଦୁଇଟି ଉଦାହରଣ ଲେଖନ୍ତୁ, ଯେଉଁଗୁଡ଼ିକ ଆପଣଙ୍କ ବିଦ୍ୟାଳୟରେ ପ୍ରତିଫଳିତ ହୋଇପାରେ । ଆପଣ ତାଲିକା କରିଥିବା ପ୍ରତିଟି ଉଦାହରଣ କିପରି ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପରେ ନିଶ୍ଚିତ ଭାବରେ ପ୍ରଭାବ ପକେଇବ ତାହା ପ୍ରତିପାଦନ କରନ୍ତୁ ।

ସ୍ୱାଭାବିକ ଭାବରେ ଆପଣ ନିଜ ଅନୁଭୂତିରୁ ଉଦାହରଣଗୁଡ଼ିକ ଦେଇଥିବେ ଏବଂ ଆପଣ ଅନୁଭବ ବା ଚିନ୍ତା କରିଥିବା କାମଗୁଡ଼ିକ ଯାହା କି ବିଦ୍ୟାଳୟର ପରିବର୍ତ୍ତନ ପାଇଁ ଆବଶ୍ୟକ ସେଗୁଡ଼ିକର ଉଦାହରଣ ଦେଇଥିବେ । ଆପଣ ଲକ୍ଷ୍ୟ କରିଥିବେ ଯେ ଆପଣ ଚିନ୍ତା କରିଥିବା ଉଦାହରଣଗୁଡ଼ିକ ଛୋଟ କାମରୁ ଆରମ୍ଭ ହୁଏ । ଯେପରି କି ସମସ୍ତ ଶିକ୍ଷକ ଶ୍ରେଣୀ କୋଠରୀରେ ପ୍ରବେଶ କରିବା ମାତ୍ରେ ପିଲାଙ୍କୁ 'ସୁପ୍ରଭାତ' କହିବେ । ଶ୍ରେଣୀ କୋଠରୀର ଶିକ୍ଷା ବିଜ୍ଞାନକୁ ପରିବର୍ତ୍ତନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ ବୋଲି ଆପଣ ଏଥିରୁ ଲକ୍ଷ୍ୟ କରିବେ ।

ଆପଣ ଯେଉଁ ଉଦାହରଣଗୁଡ଼ିକ ଶିକ୍ଷଣକାର୍ଯ୍ୟ-୧ ପାଇଁ ଭାବିଲେ ସେଗୁଡ଼ିକ ନିର୍ଦ୍ଦିଷ୍ଟ ଭାବରେ ପ୍ରାସଙ୍ଗିକ ଅଟେ । ସାରଣୀ-୧ରେ ସେ ସମ୍ବନ୍ଧୀୟ କେତେକ ବ୍ୟବହାରିକ ଉପାଦାନ ସମ୍ବନ୍ଧରେ ଧାରଣା ଦିଆଯାଇଛି ଯାହା ହୁଏତ ଆପଣଙ୍କୁ ନିଜ ବିଦ୍ୟାଳୟର ସଂସ୍କୃତି ଗଠନରେ ସାହାଯ୍ୟ କରିବ ।

***ସାରଣୀ-୧*** *ବିଦ୍ୟାଳୟ ସଂସ୍କୃତିର ଉଦାହରଣ*

| ବିଦ୍ୟାଳୟ ସଂସ୍କୃତିର ସଂଜ୍ଞା | ଉଦାହରଣ |
|---|---|
| | • ଶିକ୍ଷାର୍ଥୀମାନଙ୍କର କୃତି ପ୍ରଦର୍ଶନ ପ୍ରତି ଶ୍ରେଣୀରେ ଥିବା ଶିକ୍ଷାର୍ଥୀ ପହଞ୍ଚିଲା ପରେ ଅଭିନନ୍ଦନ ଜଣାଇବା ।<br>• ଆବଶ୍ୟକ କରୁଥିବା ଶିକ୍ଷାର୍ଥୀଙ୍କୁ ଆବେଗିକ ସହାୟତା ଯୋଗାଇବା ।<br>• ନିରାପଦ ଓ ସୁବିଧାଜନକ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଯେଉଁଥିରେ ତାପମାତ୍ରା ଶିକ୍ଷକଙ୍କୁ ଠିକ୍‌ରେ ଦେଖିପାରିବେ ଓ ସୁବିଧାରେ ବସିବା ବ୍ୟବସ୍ଥା କରିବେ ।<br>• ସହକର୍ମୀଙ୍କ ପାଖରେ ଅନ୍ଧବିଶ୍ୱାସ ରହିବ ନାହିଁ ଓ ଶିକ୍ଷାର୍ଥୀମାନେ ଧରାବନ୍ଧା ନିୟମ ଦ୍ୱାରା ବାନ୍ଧି ହେବେ ନାହିଁ ।<br>• ଶିକ୍ଷାର୍ଥୀମାନଙ୍କର ସ୍ଥିତି ଓ ଦକ୍ଷତା ଯାହା ବି ହେଉ ନା କାହିଁକି ସବୁ ଶିକ୍ଷାର୍ଥୀଙ୍କୁ ସାମିଲ କରିବା ଓ ସେମାନଙ୍କୁ ଗୁରୁତ୍ୱ ଦେବା । |
| ବୌଦ୍ଧିକ | • ଛୋଟ ଛୋଟ ଉପାୟରେ ସଫଳତାର ଉତ୍ସବ ପାଳନ କରିବା (ଯଥା : ପାଠ ପଢ଼ାହେବା ସମୟରେ ମୌଖିକ |

| | |
|---|---|
| ବାତାବରଣ | ଭାବେ ଅଭିନନ୍ଦନ ଜଣାଇବା) ବା ଅଧିକ ବଡ଼ ଘଟଣା (ଯଥା: ସ୍ଥାନୀୟ ଗୋଷ୍ଠୀଙ୍କ ସାହାଯ୍ୟରେ କୌଣସି ଏକ ଘଟଣା ବା କାର୍ଯ୍ୟ ବେଳେ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିବା)<br>• ବ୍ୟକ୍ତିଗତ ଆବଶ୍ୟକତାକୁ ପ୍ରତିଫଳନ କରୁଥିବା ଲକ୍ଷ୍ୟଗୁଡ଼ିକ ପିଲାଙ୍କ ପାଇଁ ସ୍ଥିର କରିବା ଯାହା କି ସେମାନଙ୍କୁ ଉପଯୁକ୍ତ ଆହ୍ୱାନ ଦେବ<br>• ଶିକ୍ଷଣରେ ପ୍ରଶ୍ନ ପଚାରିବା, ତଦନ୍ତ କରିବା ଓ ଅନୁସନ୍ଧାନ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା |
| ନିୟମ ଓ ଧାରା/ଆଇନ | • ଶିକ୍ଷାର୍ଥୀଙ୍କ ସହ ମିଶି ଆଚରଣ ଧାରା / ଆଇନ ପ୍ରସ୍ତୁତ କରିବା ଓ ସେଗୁଡ଼ିକୁ ପ୍ରତି ଶ୍ରେଣୀ କୋଠରୀରେ ପ୍ରଦର୍ଶନ କରିବା ।<br>• ବିଦ୍ୟାଳୟର ପ୍ରାର୍ଥନା ସଭାରେ ବା ସମସ୍ତେ ସମବେତ ହେଉଥିବା ସ୍ଥାନରେ ବା ଅନ୍ୟ କୌଣସି ସ୍ଥାନରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ଶିକ୍ଷକଙ୍କ ଉପସ୍ଥିତିରେ ଆଚରଣ ନୀତି ଉପରେ ଆଲୋଚନା କରିବା ।<br>• ନିଶ୍ଚିତ କରିବା ଯେ ସମସ୍ତ ସହର୍କୀ ଆଚରଣ ନୀତିକୁ ନିରନ୍ତର ଭାବେ ବ୍ୟବହାର କରୁଛନ୍ତି । |
| ପରମ୍ପରା ଓ ରୁଟିନ୍ | • ପ୍ରତ୍ୟେକ ସମାବେଶରେ ସମୟ ରହିବ ଯେଉଁଠି ବିଦ୍ୟାଳୟ ସଫଳତାର ସମସ୍ତ ଦିଗ ଓ ପିଲାମାନଙ୍କର ଘରୋଇ ଜୀବନର ସଫଳତାଗୁଡ଼ିକ ପାଳିତ ହେବ ।<br>• ସହକାର୍ଯ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟି ବିଦ୍ୟାଳୟର ସମସ୍ତ ଘଟଣାରେ (ଖେଳକୁଦ, ଗୀତ, ପୁରସ୍କାର ବିତରଣ, ପାଣ୍ଠି ସଂଗ୍ରହ) ପିଲାମାନଙ୍କୁ ଓ ଗୋଷ୍ଠୀକୁ ସହାୟତା ଦେବା ପାଇଁ ଉପସ୍ଥିତ ହେବେ । |
| ସହକର୍ମୀ ଓ ଶିକ୍ଷାର୍ଥୀଙ୍କୁ ସ୍ୱର ଉତ୍ତୋଳନ ପାଇଁ ଅଧିକାର ଦେବେ | • ପ୍ରତି ସପ୍ତାହରେ ପୂର୍ବ ନିର୍ଦ୍ଧାରିତ ବନ୍ଦୋବସ୍ତ ବିନା ବିଦ୍ୟାଳୟର ମୁଖ୍ୟଙ୍କୁ ସହକର୍ମୀ ଓ ଶିକ୍ଷାର୍ଥୀମାନେ ସାକ୍ଷାତ କରିପାରିବେ ।<br>• ବିଦ୍ୟାଳୟ କ୍ୟାବିନେଟ୍ ଗଠନ କରିବା ଓ କେତେକ ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରିବା ଯେଉଁମାନେ ସହକର୍ମୀମାନଙ୍କ ସହ ମିଶି କେତେକ ସମସ୍ୟା ଉପରେ ଆଲୋଚନା କରିବେ ।<br>• ଉନ୍ନତି ସାଧନ ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ଶୈକ୍ଷିକ ବର୍ଷ ଭିତରେ ସେମାନଙ୍କର ବିଷୟଗତ ଜ୍ଞାନକୁ ମୂଲ୍ୟାୟନ କରିବା ପାଇଁ କହିବା । |
| ପିତାମାତାଙ୍କ ସହ ଏକାଠି କାମ କରିବା | • ଆପଣଙ୍କ ସହିତ କିମ୍ବା ସହକର୍ମୀଙ୍କ ସହିତ ଶିକ୍ଷାର୍ଥୀମାନେ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବାକୁ ଚାହୁଁଛନ୍ତି ସେହି ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା ପାଇଁ ପିତାମାତା ଆଲୋଚନା ଦଳ ଗଠନ କରିବେ ।<br>• ବିଦ୍ୟାଳୟ ପରିଚାଳନା କମିଟିରେ ପିତାମାତାଙ୍କୁ ସାମିଲ କରିବା ଯାହା କି ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଧାରାରେ ଅଧିକାର ପ୍ରଦାନ କରାଯାଇଛି ।<br>• ଶିକ୍ଷାର୍ଥୀମାନଙ୍କର ପ୍ରଗତି ସମ୍ବନ୍ଧରେ ନିୟମିତ ଭାବେ ପିତାମାତାଙ୍କୁ ଅବଗତ କରାଇବା । ଏହା ସହିତ ବିଦ୍ୟାଳୟ ପାଠ୍ୟକ୍ରମ ଓ ଶିକ୍ଷାର୍ଥୀଙ୍କ ସଫଳତା ସମ୍ପର୍କରେ ମଧ୍ୟ ଜଣାଇବା । |
| ସମ୍ପର୍କ ଓ ବ୍ୟବହାର ପାଇଁ ମାନ | • ଶିକ୍ଷାର୍ଥୀମାନେ "ଶିକ୍ଷକଙ୍କୁ ଧନ୍ୟବାଦ" ଓ "ଦୟାକରି" କହିବା ଯେତିକି ଗୁରୁତ୍ୱପୂର୍ଣ୍ଣ ଠିକ୍ ସେତିକି ଶିକ୍ଷକ ଶିକ୍ଷାର୍ଥୀଙ୍କୁ ମଧ୍ୟ କହିବା ଉଚିତ୍ ।<br>• ପ୍ରତି ଶିକ୍ଷାର୍ଥୀର ଘରୋଇ ଭାଷାକୁ ଗୁରୁତ୍ୱ ଦେଇ ସମ୍ମାନ ଦେବା ।<br>• ବିଭିନ୍ନ ସ୍ତରରେ ଦେଖାଯାଉଥିବା ବିଭିନ୍ନତାକୁ ଗୁରୁତ୍ୱ ଦେବା ଏବଂ ଭିନ୍ନକ୍ଷମ ପିଲା ଯେପରି ବଞ୍ଚିତ ନ ହୁଏ ସେଥିପ୍ରତି ଦୃଷ୍ଟିଦେବା ।<br>• ପ୍ରତ୍ୟେକ ପରସ୍ପରକୁ ଶିକ୍ଷାର୍ଥୀ ଭାବେ ସମ୍ମାନ ଦେବା (ଯଥା: ପରସ୍ପରକୁ ଶୁଣିବା, ସମ୍ବଳଗୁଡ଼ିକ ନିଜ ଭିତରେ ନମ୍ରତାର ସହ ବିନିମୟ କରିବା) । |

ବିଦ୍ୟାଳୟ ସଂସ୍କୃତିର ବହୁମୁଖୀ ସ୍ୱଭାବକୁ ଚିନ୍ତାକଲେ ଏହା ସ୍ପଷ୍ଟ ହେବା ଉଚିତ୍ ଯେ ବିଦ୍ୟାଳୟରେ ଏମିତି କିଛି ଅଂଶ ନାହିଁ ଯାହା ଶିକ୍ଷାର୍ଥୀ ଓ ଶିକ୍ଷକଙ୍କର ବିଦ୍ୟାଳୟରେ ଅଭିଜ୍ଞତାକୁ ପ୍ରଭାବିତ କରେ ନାହିଁ ଓ ଶିକ୍ଷଣ କିପରି ଭାବରେ ସଂଘଟିତ ହୁଏ ତାକୁ ମଧ୍ୟ ପ୍ରଭାବିତ କରେ । ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ କର୍ମଚାରୀଙ୍କୁ କିପରି ଭାବରେ ନେତୃତ୍ୱ ଦେଉଛନ୍ତି ଓ ପରିଚାଳନା କରୁଛନ୍ତି, ଆପଣଙ୍କ ବିଦ୍ୟାଳୟର ଉନ୍ନତିକରଣ ପରିକଳ୍ପନାକୁ କିପରି ଭାବରେ ଜଣେଇଛନ୍ତି ଏବଂ ଆପଣଙ୍କର ସହକର୍ମୀ, ଶିକ୍ଷାର୍ଥୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ ସମ୍ପର୍କ ଓ ପାରସ୍ପରିକ କ୍ରିୟା, ଏସବୁ ବିଦ୍ୟାଳୟ ସଂସ୍କୃତିର ଅନ୍ତର୍ଭୁକ୍ତ ଅଟେ ।

## ୨ ବିଦ୍ୟାଳୟ ନେତୃତ୍ୱର ଶୈଳୀ

ଜାତୀୟ ପାଠ୍ୟକ୍ରମ ଆଧାର ଓ CEP ଦ୍ୱାରା ଚିହ୍ନଟ ହୋଇଥିବା ସଂଜ୍ଞାରେ ଦର୍ଶାଯାଇଛି ଯେ ସଂସ୍କୃତି କେବଳ କାର୍ଯ୍ୟଦ୍ୱାରା ପ୍ରତିଷ୍ଠିତ ହୁଏ ନାହିଁ ବରଂ ସମ୍ପର୍କରୁ ହିଁ ଗଠିତ ହୋଇଥାଏ । ପରବର୍ତ୍ତୀ ଶିକ୍ଷଣକାର୍ଯ୍ୟ ଆପଣଙ୍କୁ ବିଦ୍ୟାଳୟ ସଂସ୍କୃତି ଉପରେ ପ୍ରଭାବ ପକାଉଥିବା ବିଭିନ୍ନ ପ୍ରକାରର ନେତୃତ୍ୱର ଶୈଳୀ ବିଷୟରେ ଚିନ୍ତା କରିବାକୁ ସାହାଯ୍ୟ କରିବ ।

### ଶିକ୍ଷଣକାର୍ଯ୍ୟ - ୨ ନେତୃତ୍ୱର ଶୈଳୀ

ସାରଣୀ-୨ ରେ ବିଦ୍ୟାଳୟର ମୁଖ୍ୟଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ସେଗୁଡ଼ିକ ପଢ଼ନ୍ତୁ ଏବଂ ଆପଣ ଜାଣିଥିବା ଜଣେ ନେତାଙ୍କୁ ମନେପକାନ୍ତୁ । ଆପଣ ନିଜେ ଛାତ୍ର ଥିବା ବେଳେ ଜାଣିଥିବା ମୁଖ୍ୟଙ୍କୁ ମନେପକାଇ ପାରିବେ । ସାରଣୀ-୨ରେ ବିଭିନ୍ନ ଭାଗରେ ଲେଖା ହୋଇଥିବା ଗୁଣାବଳୀ ମଧ୍ୟରୁ କେଉଁ ଗୁଣଗୁଡ଼ିକ ଆପଣ ଭାବିଥିବା ବ୍ୟକ୍ତି ପାଇଁ ଉପଯୁକ୍ତ ଅଟେ ଭାବନ୍ତୁ । ଆପଣ କେଉଁ କୋଠରୀ ଭିତରକୁ ଯିବେ ଓ ଆପଣ କ'ଣ ଲକ୍ଷ୍ୟ କଲେ ସେ ସମ୍ପର୍କରେ ଆପଣଙ୍କର ଚିନ୍ତାଧାରାକୁ ଶିକ୍ଷଣ ଡାଏରୀରେ ଟିପିକରି ରଖନ୍ତୁ ।

| ସମ୍ପର୍କ ଅଭିମୁଖୀ ନେତା | | | |
|---|---|---|---|
| | | ଅଧିକ | କମ୍ |
| କାର୍ଯ୍ୟ ଅଭିମୁଖୀ ନେତା | ଅଧିକ | ଜଣେ ନେତା ସବୁବେଳେ ନିଜର ସହକର୍ମୀ ନିଜର ସହକର୍ମୀ ଓ ପିଲାମାନଙ୍କର ଅଧିକ ଉନ୍ନତିରେ ଆଗ୍ରହ ରଖନ୍ତି । ସେମାନେ ଅନେକ ସମୟରେ ଶ୍ରେଣୀରେ ରହନ୍ତି । ଭଲ କାମର ଉଦାହରଣ ସୃଷ୍ଟି କରନ୍ତି ଏବଂ ପିଲାମାନଙ୍କୁ ସହଯୋଗ କରନ୍ତି । ସେମାନେ ତାଙ୍କ କାମରେ ଗଭୀର ଭାବରେ ଆଗ୍ରହ ରଖନ୍ତି ଓ ଠିକ୍ ସମୟରେ ଓ ଭଲ ଭାବରେ କରନ୍ତି ଏବଂ ନିଶ୍ଚିତ କରନ୍ତି ଯେ ସହକର୍ମୀ ଓ ଶିକ୍ଷାର୍ଥୀମାନେ ନିଷ୍ପତ୍ତି ନେବାରେ ଅଂଶଗ୍ରହଣ କରିଛନ୍ତି । ସମସ୍ତେ ଅନୁଭବ କରନ୍ତି ଯେ ମୁଖ୍ୟମାନେ ଅନ୍ୟମାନଙ୍କୁ ଅଧିକ ଭଲ କରିବା ପାଇଁ ସହଯୋଗ କରନ୍ତୁ । | ଜଣେ ମୁଖ୍ୟ କାମଟିକୁ ଠିକ୍ ଭାବରେ ଓ ଠିକ୍ ସମୟରେ କରିବା ପାଇଁ ଲକ୍ଷ୍ୟ ରଖନ୍ତି । ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ନିଷ୍ପତ୍ତିଗୁଡ଼ିକ ସହକର୍ମୀ ଓ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଗ୍ରହଣୀୟ କି ନୁହେଁ ଦେଖିବା ମାନେ ହେଉଛି ଅଯଥାରେ ସମୟ ନଷ୍ଟ କରିବା । ସେମାନେ ଭାବନ୍ତି ଯେ ଏହା ତାଙ୍କର କାମ ସେମାନେ ସବୁବେଳେ ଶ୍ରେଣୀ କୋଠରୀକୁ ଯିବେ ଦେଖିବାକୁ ଚାହାନ୍ତି ଯେ ଶିକ୍ଷାର୍ଥୀମାନଙ୍କୁ କେତେ ନିୟୋଜନ କରାଯାଉଛି ସେମାନେ ଶିକ୍ଷକମାନଙ୍କୁ ସହାୟତା ଦେବା ପାଇଁ ସମୟ ଦିଅନ୍ତି ନାହିଁ । ବେଳେ ବେଳେ ସେମାନେ ଶିକ୍ଷକଙ୍କୁ ପଛରେ ପକାଇ ଅଧିକ ଭଲ ପଢ଼େଇପାରିବେ ଭାବି ଶିକ୍ଷକଙ୍କର ଶ୍ରେଣୀରେ ମଧ୍ୟ ପଢ଼ାଇ ଦିଅନ୍ତି ଓ ସେମାନେ ଅନ୍ୟମାନଙ୍କଠାରୁ ଅଧିକ ଭଲ ବୋଲି ପ୍ରମାଣ କରିବା ଆବଶ୍ୟକ ବୋଲି ପ୍ରତ୍ୟେକ ଅନୁଭବ କରନ୍ତୁ ବୋଲି ଚାହାନ୍ତି । |

| | | | |
|---|---|---|---|
| | ଉଷ୍ମ | ମୁଖ୍ୟମାନେ ସାଧାରଣତଃ ସାମାଜିକ ସ୍ତରରେ ଶିକ୍ଷାର୍ଥୀ ଓ ସହକର୍ମୀଙ୍କ ସହ ସମୟ ବିତେଇବାକୁ ଚାହାନ୍ତି । ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ପ୍ରତି ସହାନୁଭୂତି ଦେଖାନ୍ତି କିନ୍ତୁ ଯେଉଁ କାମଗୁଡ଼ିକ ସହକର୍ମୀଙ୍କ ଦ୍ୱାରା କରାଇବାର ଆବଶ୍ୟକତା ଅଛି ସେ ସମ୍ପର୍କରେ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି । ସେମାନେ କାମକୁ ଅଧିକ ଧ୍ୟାନ ଦେଇ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିବା ଅପେକ୍ଷା କାମଟି କେମିତି ଶେଷ ହେବ ତାହା ଦେଖନ୍ତି । ପ୍ରତ୍ୟେକ ଚାହାନ୍ତି ଯେ ମୁଖ୍ୟମାନେ ସେମାନଙ୍କୁ ପସନ୍ଦ କରନ୍ତୁ । | ମୁଖ୍ୟମାନେ କାମଗୁଡ଼ିକୁ ନିଜ ପାଖରେ ରଖନ୍ତି ବା କାମଗୁଡ଼ିକୁ କରେଇ ନେଇଥାନ୍ତି । କିନ୍ତୁ ଶିକ୍ଷାର୍ଥୀ ବା ଶିକ୍ଷକଙ୍କର ସ୍ୱାର୍ଥକୁ ଦେଖନ୍ତି ନାହିଁ । ସାମାଜିକ ପାରସ୍ପରିକ କ୍ରିୟା କମ୍ ଥାଇ କାମଗୁଡ଼ିକୁ ଅନ୍ୟତମ ସ୍ତରରେ କରନ୍ତି । ସେମାନଙ୍କ କ୍ଷମତା ସମ୍ପର୍କରେ ମୁଖ୍ୟମାନେ କିଛି ବି ଜାଣନ୍ତି ନାହିଁ ବୋଲି ସମସ୍ତେ ଅନୁଭବ କରନ୍ତି । |

ଯଦିଓ ଏହି ଶିକ୍ଷଣକାର୍ଯ୍ୟ ବିଭିନ୍ନ ନେତୃତ୍ୱ ଶୈଳୀର ମୌଳିକ ବୁଝାମଣା ସମ୍ପର୍କରେ ଆଲୋଚନା କରିଛି । କିନ୍ତୁ ବାସ୍ତବ ଜୀବନରେ କାର୍ଯ୍ୟ ଓ ବନ୍ଧୁତ୍ୱ ଅଭିମୁଖୀ କୁରାଢ଼ୀ ଗୋଟିଏ ବର୍ଣ୍ଣ ଛଟାର ପ୍ରତିନିଧିତ୍ୱ କରୁଛି । ସାରଣୀ-୨ର ଗୋଟିଏ ଭାଗରେ ବର୍ଣ୍ଣନା କରାଯାଇଥିବା ଲକ୍ଷ୍ୟଗୁଡ଼ିକୁ ବହୁତ କମ୍ ଲୋକେ ପ୍ରଦର୍ଶନ କରିଥାନ୍ତି । ଯାହା ବି ହେଉ ବିଦ୍ୟାଳୟ ସଂସ୍କୃତି ସମ୍ବନ୍ଧରେ ଚାରିଗୋଟି ଶୈଳୀ ନେତୃତ୍ୱର କେଉଁ ଅନ୍ତର୍ନିହିତ ବାର୍ତ୍ତା କେତେଦୂର ବ୍ୟବହାର ଉପଯୋଗୀ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ ଯାହା ଘଟଣା ଅଧ୍ୟୟନ ୧ରେ ଉଦାହରଣସ୍ୱରୂପ ବର୍ଣ୍ଣନା ହୋଇଛି । ଘଟଣା ଅଧ୍ୟୟନ –୧ ବିଭିନ୍ନ ଶୈଳୀର ଚାରିଜଣ ବିଦ୍ୟାଳୟ ମୁଖ୍ୟ :

## ପରିସ୍ଥିତି ଅନୁଧ୍ୟାନ ୧ : ଚରିଜଣ ବିଦ୍ୟାଳୟର ଅଭିଭାବକଙ୍କ ବିଭିନ୍ନ କୌଶଳ

### ଶ୍ରୀମତୀ ପଟ୍ଟନାୟକ :

ଶ୍ରୀମତୀ ପଟ୍ଟନାୟକ ଖୁବ୍ ଖୋଲା ଭାବରେ କଥାବାର୍ତ୍ତା କରନ୍ତି ଏବଂ ଅଭିଭାବକମାନଙ୍କୁ ନିୟମିତ ବିଦ୍ୟାଳୟକୁ ନିମନ୍ତ୍ରଣ କରିଥାନ୍ତି । ସନ୍ଧ୍ୟା ସମୟରେ ବିଦ୍ୟାଳୟରେ କ'ଣ ସବୁ ପରିବର୍ତ୍ତନ ହେବ ସେ ସମ୍ପର୍କରେ ସେମାନଙ୍କ ମତାମତ ଦେବା ପାଇଁ କରିଥାନ୍ତି । ସେଥିପାଇଁ ଶ୍ରୀମତୀ ପଟ୍ଟନାୟକଙ୍କୁ ଅଭିଭାବକମାନେ ବହୁତ ସମ୍ମାନ ଦିଅନ୍ତି । ସେମାନଙ୍କ ପିଲାମାନେ ବିଦ୍ୟାଳୟରେ ଠିକ୍ ଭାବରେ କାମ ହେଉ ନାହିଁ ବୋଲି ଘରେ ଅଭିଯୋଗ କରିଆସୁଥିଲେ ଓ କେତେକ ଶିକ୍ଷାର୍ଥୀ କିପରି ଭାବରେ ଶ୍ରେଣୀରେ ବ୍ୟାଘାତ ସୃଷ୍ଟି କରୁଥିଲେ ମଧ୍ୟ କହିଥିଲେ ।

ଶ୍ରୀମତୀ ପଟ୍ଟନାୟକଙ୍କ ଦ୍ୱାରା ବିଦ୍ୟାଳୟ କ୍ୟାବିନେଟ ଆରମ୍ଭ ହେଲାପରେ ସେ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ ପରିବର୍ତ୍ତନ କରିବା ସମୟରେ ବାରଣ୍ଡା ଗଳିରେ ଧାଡ଼ିବାନ୍ଧି ଯିବାର ଦାୟିତ୍ୱ ସେମାନଙ୍କୁ ଅର୍ପଣ କଲାପରେ ଏହି ଘଟଣାରେ କିଛି ଉନ୍ନତି ହେବାର ଦେଖାଗଲା । ସେ କେବଳ ଦକ୍ଷ ଶିକ୍ଷାର୍ଥୀଙ୍କୁ ଏହି ଦାୟିତ୍ୱ ଦେଇ ନ ଥିଲେ ବରଂ ଖୁବ୍ ସତର୍କତାର ସହ ଦାୟିତ୍ୱ ବଣ୍ଟନ କରିଥିଲେ । ଏହି ଦାୟିତ୍ୱକୁ ପୁଅ/ଝିଅ ସମାଜର ବିଭିନ୍ନ ଗୋଷ୍ଠୀର ଶିକ୍ଷାର୍ଥୀ ଓ ଯେଉଁମାନେ ବିଦ୍ୟାଳୟ ପାଇଁ ଖୁବ୍ ପରିଶ୍ରମ କରୁଥିଲେ, ସମସ୍ତଙ୍କ ମଧ୍ୟରେ ବାଣ୍ଟିଥିଲେ । ସେ ବିଦ୍ୟାଳୟରେ ପଢୁଥିବା ସମସ୍ତ ଶିକ୍ଷାର୍ଥୀଙ୍କର ନାମ ଜାଣିଥିଲେ । ସେ ପ୍ରତ୍ୟେକ ସହକର୍ମୀଙ୍କର ଯତ୍ନ ନେଉଥିଲେ । ସେ ଭଲ କାମ ପାଇଁ ବ୍ୟକ୍ତିଗତ ଭାବେ ପ୍ରତିଜଣକୁ ସହାୟତା ଯୋଗାଉଥିଲେ । ଯାହାଫଳରେ କି ସହକର୍ମୀ ଓ ଶିକ୍ଷାର୍ଥୀମାନେ ଉଭୟେ ଜାଣିଲେ ଯେ, ଶ୍ରୀମତୀ ପଟ୍ଟନାୟକ ଜଣେ ବନ୍ଧୁଭାବାପନ୍ନ ମହିଳା ଓ ସେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଚାହାନ୍ତି । ସେ ଅନ୍ୟମାନଙ୍କର ଦକ୍ଷତା ଓ ସାମର୍ଥ୍ୟରେ ଏତେ ବିଶ୍ୱାସ କରୁଥିଲେ ଯେ, ପ୍ରତିବଦଳରେ ତାଙ୍କୁ ହତାଶ କରିବା ପାଇଁ ଚାହୁଁ ନ ଥିଲେ ।

ଶ୍ରୀମତୀ ପଟ୍ଟନାୟକ କାର୍ଯ୍ୟ ଓ ବନ୍ଧୁତ୍ୱ ସମ୍ପର୍କରେ ଉଚ୍ଚାକାଂକ୍ଷୀ ମହିଳା ଅଟନ୍ତି ।

### ଶ୍ରୀମତୀ ଦାସ :

ଶ୍ରୀମତୀ ଦାସ ଜଣେ ଉତ୍ସର୍ଗୀକୃତ ଓ ବିବେକୀ ମହିଳା ଯିଏ କି ତାଙ୍କର ଦାୟିତ୍ୱକୁ ଖୁବ୍ ଗମ୍ଭୀର ଭାବରେ ନିଅନ୍ତି । ସେ ଜାଣନ୍ତି ଯେ ଯଦି ସେ କିଛି ଭଲ କାମ କରିବାକୁ ଚାହାନ୍ତି, ତେବେ ସମ୍ଭବତଃ କାମଗୁଡ଼ିକୁ ତାଙ୍କୁ ହିଁ କରିବାକୁ ହେବ । ସେ କିପରି ଭାବରେ ବିଦ୍ୟାଳୟକୁ ପରିଚାଳନା କରିବେ । ଶିକ୍ଷାର୍ଥୀମାନେ କିପରି ଭାବରେ ଶିଖିବେ ଓ ଶିକ୍ଷକମାନେ କିପରି ଭାବରେ ପଢ଼ାଇବା ଉଚିତ, ଏସବୁ ସମ୍ପର୍କରେ ତାଙ୍କର ଖୁବ୍ ସ୍ୱଷ୍ଟ ପରିକଳ୍ପନା ଥାଏ । ଯଦିଓ ଶିକ୍ଷକମାନେ ତାଙ୍କର ସଙ୍ଗଠନ ଓ କଠିନ ପରିଶ୍ରମକୁ ଖୁବ୍ ସମ୍ମାନ କରୁଥିଲେ ତଥାପି ସେମାନେ ଶ୍ରୀମତୀ ଦାସଙ୍କୁ ଜଣେ ସହଯୋଗକାରୀ ଭାବେ ବର୍ଣ୍ଣନା କରୁ ନ ଥିଲେ । ସେମାନଙ୍କ ମଧ୍ୟରୁ କେତେଜଣ କହୁଥିଲେ ଯେ ସେମାନଙ୍କୁ ଶ୍ରୀମତୀ ଦାସ ବିଶ୍ୱାସ କରୁନାହାନ୍ତି । ସହକର୍ମୀମାନଙ୍କ ବୈଠକରେ ସେ କେବଳ ସୂଚନା ଓ ଉପଦେଶ ଦେଉଥିଲେ । ସେଠାରେ ନିଜର ଧାରଣା ବା ବିକଳ୍ପ ପରାମର୍ଶ ଦେବା କଷ୍ଟକର ହେଉଥିଲା ।

ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କର ଅଭିଜ୍ଞତାର ଅନେକ ଭିନ୍ନତା ଥାଏ । କେତେକ ଶିକ୍ଷକମାନଙ୍କର ପାଖରେ ମନୋବୃତ୍ତିର ଅଭାବ ଦେଖାଯାଏ । ଶ୍ରୀମତୀ ଦାସ ଦେଖିବାକୁ ଶାନ୍ତ ଓ ଚୁପ୍‌ଚାପ୍ । ସେମାନେ କେବଳ ତାଙ୍କୁ ଦୂରରୁ ହିଁ ଦେଖିଥାନ୍ତି । ସେମାନଙ୍କ ମଧ୍ୟରୁ କେହି ଜଣେ ବି ବ୍ୟକ୍ତିଗତ ଭାବେ କୌଣସି ନିର୍ଦ୍ଦିଷ୍ଟ ଇଚ୍ଛା ନେଇ ତାଙ୍କୁ ମନେଇ ପକାଇପାରନ୍ତି ନାହିଁ ।

ଶ୍ରୀମତୀ ଦାସ କାମକୁ ଅଧିକ ଗୁରୁତ୍ୱ ଦେବା ବେଳେ ବନ୍ଧୁତ୍ୱକୁ କମ୍ ଗୁରୁତ୍ୱ ଦେଇଥାନ୍ତି ।

### ଶ୍ରୀମତୀ ପୂଜାରୀ:

ଶ୍ରୀମତୀ ପୂଜାରୀ ବିଦ୍ୟାଳୟ ସମ୍ପର୍କରେ ମୋଟାମୋଟି ଭାବେ ସମସ୍ତଙ୍କର ମତାମତକୁ ଖୁବ୍ ଯତ୍ନର ସହ ନେଇଥାନ୍ତି । ସେ ଅନେକ ସମୟରେ ବ୍ୟସ୍ତ ହୋଇପଡ଼ନ୍ତି ଯେ ପିତାମାତା ଦେଇଥିବା ମତାମତକୁ ସେ କିପରି ଭାବରେ ସମ୍ବୋଧନ କରିବେ ବା ପଡ଼ୋଶୀ ଦାଖଲ କରିଥିବା ଅଭିଯୋଗକୁ କିପରି ଭାବରେ ସମାଧାନ କରିବେ । ଶିକ୍ଷା ବିଭାଗ ଅଧିକାରୀ ପରିଦର୍ଶନ କରିବା ସମୟରେ ଦେଇଥିବା ମନ୍ତବ୍ୟ ତାଙ୍କ ମନକୁ ଖୁବ୍ ଘାରିଛି । କାରଣ ସେ ମତାମତ ଦେଇଥିଲେ ଯେ ଶିକ୍ଷାର୍ଥୀଙ୍କ କୃତି ଯାହା ପ୍ରଦର୍ଶନ ହୋଇଛି, ସେଗୁଡ଼ିକ ଟିକିଏ ପୁରୁଣା ଓ ଅଧିକ ଭଲ ମଧ୍ୟ ହୋଇପାରିବ । ସେ ପ୍ରତ୍ୟେକ ଶିକ୍ଷକମାନଙ୍କୁ ନୂତନ ଭାବରେ ପ୍ରଦର୍ଶନ କରିବା ଜିନିଷକୁ ପ୍ରାଥମିକତାରେ ସଜାଇବା ପାଇଁ କହିଲେ ଏବଂ ସେ ନିର୍ଦ୍ଦେଶ ଦେଲେ ଯେ ତାଙ୍କୁ ଆଉଥରେ ଆସିବା ପୂର୍ବରୁ କାମଗୁଡ଼ିକ ହୋଇଯିବା କଥା । କିନ୍ତୁ ସେ ନିରାଶ ହେଲେ ଯେ ସେ ପରିବର୍ତ୍ତନକୁ ଲକ୍ଷ୍ୟ କଲେ ନାହିଁ ।

ଶ୍ରୀମତୀ ଦାସଙ୍କର ସହକର୍ମୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ଦାବିକୁ ନେଇ ସେ ଖୁବ୍ ଆନନ୍ଦିତ ଅନୁଭବ କରିଥାନ୍ତି କାରଣ ସେ କାହାକୁ ବି ହତାଶ ବା ବହୁ ଚେଷ୍ଟା କରି ଅନ୍ୟକୁ ଖୁସି କରାଇବା ପାଇଁ ଘୃଣଶ କରିଥାନ୍ତି । (ଏହା ପକୃତରେ ଯଦିଓ ସମ୍ଭବ ନୁହେଁ, କାରଣ ସେମାନଙ୍କର ଅନୁରୋଧ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ) । ଅନେକ ସମୟରେ ସେ ଅନୁଭବ କରନ୍ତି ଯେ ନିଜେ ପାଠ ପଢ଼ାଇବା ବା ଅନ୍ୟକୁ ସହାୟତା ଓ ବିବରଣୀ ପ୍ରସ୍ତୁତିର ଆବଶ୍ୟକତା ଥିବା ବଦଳରେ ପୂରା ଦିନଟି ଅନ୍ୟ ଲୋକମାନଙ୍କର ସମସ୍ୟା ସମାଧାନ କରିବାରେ ଦେଲେ ।

ସେ ଶିକ୍ଷାର୍ଥୀଙ୍କୁ ଅନୁକମ୍ପା ଓ ଦୟା ଦେଖାଇଥାନ୍ତି । ସେ ସବୁବେଳେ ନିଜର ସମୟ ଦେଇ ଶିକ୍ଷାର୍ଥୀମାନଙ୍କର ସମସ୍ୟାଗୁଡ଼ିକୁ ଯେତେଦୂର ସମ୍ଭବ ସମାଧାନ କରିବାକୁ ଚେଷ୍ଟା କରିଥାନ୍ତି । ସେ ଅନୁଭବ କରନ୍ତି ଯେ ସେମାନଙ୍କ ଜୀବନରେ ବହୁତ କିଛି ପରିବର୍ତ୍ତନ କରିପାରିବେ ନାହିଁ । କାରଣ ସେମାନେ ପ୍ରାୟତଃ ଗରିବ ପରିବାରରୁ ଆସିଥାନ୍ତି ଏବଂ ପରିବର୍ତ୍ତନ ପାଇଁ ବିଦ୍ୟାଳୟ ପାଖରେ ବହୁତ କମ୍ ସମ୍ବଳ ଥାଏ ।

ଶ୍ରୀମତୀ ପୂଜାରୀ କାମକୁ କମ୍ ଓ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦିଅନ୍ତି ।

### ଶ୍ରୀଯୁକ୍ତ ଭବାନୀଶଙ୍କର:

ଭବାନୀବାବୁ ବିଶ୍ୱାସ କରନ୍ତି ଯେ ସେ ଗୋଟିଏ ଭଲ ବିଦ୍ୟାଳୟର ପରିଚାଳନା କରୁଛନ୍ତି । ସେ ଦିନସାରା ବସି ରହିବାକୁ ପସନ୍ଦ କରି ନଥାନ୍ତି । ନିୟମିତ ଭାବରେ ଶ୍ରେଣୀ ପରିଦର୍ଶନ କରିଥାନ୍ତି । ସେମାନଙ୍କୁ ସେ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥାନ୍ତି ଓ ସେମାନଙ୍କୁ ସେମାନଙ୍କ ସମୟରେ ସାକ୍ଷାତ ପାଇଁ ଡାକିଥାନ୍ତି । ସହକର୍ମୀମାନଙ୍କର ବୈଠକ ପାଇଁ ତାଙ୍କ ପାଖରେ ସମୟ ନ ଥାଏ ଓ ବହୁ ସମୟରେ ସେଗୁଡ଼ିକୁ ବାତିଲ କରିବାକୁ ପଡ଼େ । ଅଭିପ୍ରେରଣା ପାଇଥିବା ସହକର୍ମୀମାନେ ପରସ୍ପରକୁ ସହାୟତା ଦେବାପାଇଁ ବୈଠକ କରିଥାନ୍ତି ଓ ସେଠାରେ ସେମାନଙ୍କର ଅଭିଜ୍ଞତା ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥାନ୍ତି । ଭବାନୀବାବୁ ସେମାନଙ୍କୁ ଅଧିକ ସାହାଯ୍ୟ କରିବା ଉଚିତ୍ ଭାବି ସେମାନଙ୍କ ମଧ୍ୟରୁ ଅନେକ ଏଥିପାଇଁ ବିରକ୍ତି ପ୍ରକାଶ କରନ୍ତି । ସେ ତାଙ୍କ ସମୟକୁ କିପରି ଭାବରେ ବିନିଯୋଗ କରନ୍ତି । ସେ ବାବଦରେ ସେମାନେ ସମ୍ପୂର୍ଣ୍ଣ ଭାବେ ଜାଣନ୍ତି ନାହିଁ । କେତେକ କମ ଇଚ୍ଛୁକ କର୍ମଚାରୀ ନିଜ ନିଜ ଭିତରେ ସୀମିତ ରହିଯାନ୍ତି ଓ ତାଙ୍କ ଭିତରୁ ଜଣେ ଯିଏ କି ଦୁଇଟି କାର୍ଯ୍ୟକାଳ ବିତେଇଛନ୍ତି ସେ ମଧ୍ୟ ଗତ ସପ୍ତାହରେ ଅନୁଭବ କଲେ ଯେ ଭବାନୀବାବୁ ଏପରି କି ତାଙ୍କ ନାମ ମଧ୍ୟ ଜାଣି ନାହାନ୍ତି ।

ଅଧିକାଂଶ ପାଠରେ ପିଲାମାନେ ଦିଗ୍‌ଦର୍ଶନ ଓ ପ୍ରେରଣା ପାଆନ୍ତି ନାହିଁ । କେତେକ ଭଲ ଶିକ୍ଷକ ଅଛନ୍ତି ଯାହାଙ୍କର ପାଠକୁ ପିଲାମାନେ ଗୁରୁତ୍ୱ ଦେଇଥାନ୍ତି, କିନ୍ତୁ ଅଧିକାଂଶ ସମୟରେ ପାଠଗୁଡ଼ିକ ନୀରସ ଓ ପୁନରାବୃତ୍ତି ହୋଇଥାଏ ।

ଭବାନୀବାବୁ ରାଜ୍ୟ ଶିକ୍ଷା ଗବେଷଣା ପରିଷଦ ଓ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ନିର୍ଦ୍ଦେଶ ପାଇଥାନ୍ତି କିନ୍ତୁ ସେ ଜମା ନିଶ୍ଚିତ ନୁହନ୍ତି ଯେ ସେମାନଙ୍କ ପାଇଁ ସେ କ'ଣ କରିବେ ବା ତାଙ୍କ ଦଳରୁ କିପରି ସାହାଯ୍ୟ ପାଇପାରିବେ, ତା'ର ତାଲିକା କରନ୍ତି ନାହିଁ । ପ୍ରକୃତରେ କାହା ପାଖରେ କ'ଣ କୌଶଳ ରହିଛି ଓ ସେଗୁଡ଼ିକୁ ସେ କିପରି ଭାବରେ ବ୍ୟବହାର କରିପାରିବେ ସେ ସମ୍ପର୍କରେ ତାଙ୍କର କୌଣସି ଧାରଣା ନ ଥାଏ ।

ଭବାନୀବାବୁ କମ୍ କାର୍ଯ୍ୟ ଓ କମ୍ ସମ୍ପର୍କର ଅଭିମୁଖୀ

ଗୋଟିଏ ବିଦ୍ୟାଳୟ ସଂସ୍କୃତି ନିଜକୁ କିପରି ବିଭିନ୍ନ ଶୈଳୀରେ ପ୍ରକାଶ କରେ ଏବଂ ଏହା ଯେଉଁଭଳି ଭାବରେ ନେତୃତ୍ୱ ଶୈଳୀ ଦ୍ୱାରା ପ୍ରଭାବିତ ହୋଇପାରିବ, ଏସବୁ ବିଷୟରେ ଚିନ୍ତନ ପରେ ଆପଣଙ୍କ ବିଦ୍ୟାଳୟର ସଂସ୍କୃତିର ରୂପରେଖରେ ଆପଣଙ୍କର ନିଜ ଭୂମିକା ସମ୍ପର୍କରେ ଚିନ୍ତା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆମ୍ଭେମାନେ ଯେଉଁସବୁ କାମ କରୁଛୁ କେବଳ ତାହା ନୁହେଁ, ଯେଉଁ ଢଙ୍ଗ ବା ଉପାୟରେ କାମ କରୁଛୁ, ତାହା ବିଦ୍ୟାଳୟ ସଂସ୍କୃତି ପ୍ରତିଷ୍ଠାରେ ଅଧିକ ସହାୟକ ହୋଇଥାଏ । ଏହା ପରବର୍ତ୍ତୀ କାର୍ଯ୍ୟଟି ଜଣେ ଦଳପତିଙ୍କୁ ତାଙ୍କରି କାର୍ଯ୍ୟ କରିବାରେ ଓ ବିଦ୍ୟାଳୟ ସଂସ୍କୃତିରେ ତାକୁ ଉପଯୋଗ କରିବାରେ ବିଶେଷ ସହାୟକ ହେବ ।

### ଶିକ୍ଷଣକାର୍ଯ୍ୟ ୩ : ବିଦ୍ୟାଳୟ ସଂସ୍କୃତି ନିର୍ଦ୍ଧାରଣରେ ଜଣେ ଦଳପତିଙ୍କ ଭୂମିକା:

ଆପଣ କାମ କରିଥିବା ପରିସ୍ଥିତିର ଦୁଇଟି ନେତୃତ୍ୱ ପରିକଳ୍ପିତ କଥା ଚିନ୍ତା କରନ୍ତୁ । ଉଦାହରଣସ୍ୱରୂପ : ଜଣେ ଶିକ୍ଷକଙ୍କୁ ତାଙ୍କରି ଅଭ୍ୟାସ ଉନ୍ନତିରେ ସହାୟତା ଦେବା, ବିଦ୍ୟାଳୟର ନୀତି ନିୟମରେ ପରିବର୍ତ୍ତନ ଆଣିବା, ପାଠ୍ୟକ୍ରମ ତିଆରି ଓ ଶିକ୍ଷା ଦିଆଯିବା ଧାରାରେ ପରିବର୍ତ୍ତନ ଆଣିବା, ଶ୍ରେଣୀଗୃହରେ ବାଳିକାମାନଙ୍କର ଅଂଶଗ୍ରହଣକୁ ଅଧିକ ଉନ୍ନତ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ଇତ୍ୟାଦି ।

ନିଜର ଶିକ୍ଷଣ ଡାଏରୀ ବ୍ୟବହାର କରି ନିଜର ମତାମତକୁ ତଳେ ଦିଆଯାଇଥିବା ସୂଚନା ଅନୁସାରେ ଲିପିବଦ୍ଧ କରନ୍ତୁ ।

- ଉପରୋକ୍ତ ପରିସ୍ଥିତିଗୁଡ଼ିକ ମଧ୍ୟରୁ ଯେକୌଣସି ୨ଟି ପରିସ୍ଥିତି କଥା ଚିନ୍ତା କରନ୍ତୁ, ଯେଉଁଥିରେ ଆପଣ ଦଳପତି ରୂପେ କିଛି ପନ୍ଥା ଅବଲମ୍ବନ କରିଥିଲେ, ଯେଉଁ ପନ୍ଥା ଆପଣ ଆପଣେଇ ନେଇଥିଲେ, ତା'ର ସ୍ୱରୂପଗୁଡ଼ିକ କ'ଣ ? ସେହି ପନ୍ଥା ପାଇଁ

କ'ଣ କୌଣସି ନିର୍ଦ୍ଦିଷ୍ଟ କାରଣ ରହିଥିଲା କି ?

- ପ୍ରତ୍ୟେକ ପରିସ୍ଥିତିକୁ ଅନ୍ୟମାନଙ୍କ ଦୃଷ୍ଟିକୋଣରୁ ଦେଖନ୍ତୁ ଯେଉଁମାନେ ଏଥିରେ ଜଡ଼ିତ ଅଛନ୍ତି ଯଥା- ପିତାମାତା, ଅଭିଭାବକ, ଶିକ୍ଷାର୍ଥୀ, ସହକର୍ମୀଗଣ ଓ ଅନ୍ୟ ଅଂଶୀଦାର । ଆପଣଙ୍କ ଦ୍ୱାରା ଆଦୃତ ପନ୍ଥାରୁ ଏହି ବ୍ୟକ୍ତିମାନେ ବିଦ୍ୟାଳୟ ସଂସ୍କୃତି ସମ୍ବନ୍ଧୀୟ କେଉଁ ବାର୍ତ୍ତା ଗ୍ରହଣ କରିବେ ବୋଲି ଆପଣ ଅନୁଭବ କରୁଛନ୍ତି ।

## ଆଲୋଚନା

ଏହି ବିଦ୍ୟାଳୟ ସଂସ୍କୃତି ରୂପରେଖ ସହ ଜଡ଼ିତ ଥିବା ଅନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ଗୁଣାବଳୀଗୁଡ଼ିକ ଉପରେ ଚିନ୍ତା କରିବା ଏକ ଆହ୍ୱାନମୂଳକ ବିଷୟ ଅଟେ ।

ଉଦାହରଣସ୍ୱରୂପ : ଆପଣ ଚିନ୍ତା କରନ୍ତୁ ଯେ, ଆପଣ ମୁକ୍ତ ଭାବେ ପ୍ରଦର୍ଶନ କରିଛନ୍ତି । କିନ୍ତୁ ଅନ୍ୟମାନେ ନିଯୁକ୍ତିର ସମୟକୁ ସେମାନଙ୍କ ଅନୁଭୂତିରୁ ତାକୁ ଭିନ୍ନ ଢଙ୍ଗରେ ଗ୍ରହଣ କରିପାରନ୍ତି । ସମାନ୍ତର ଭାବେ ଆପଣ ଯେଉଁ ପରିସ୍ଥିତିରେ ନେତୃତ୍ୱ ନେଇ କାର୍ଯ୍ୟ କରୁଛନ୍ତି ସେହି ପରିସ୍ଥିତିରେ କିଛି ନିର୍ଦ୍ଦିଷ୍ଟ ଘଟଣା ମଧ୍ୟ ଘଟିଯାଇପାରେ ଯାହା କାର୍ଯ୍ୟଟିକୁ ଆପଣଙ୍କ ଢଙ୍ଗରେ ହିଁ ଆଗେଇ ନେବା ପାଇଁ ଆହ୍ୱାନ ସୃଷ୍ଟି କରିବ । ବିଦ୍ୟାଳୟ ସଂସ୍କୃତିରେ ନିଜର ନେତୃତ୍ୱ ବଳରେ ଯେଉଁ ସବୁ ପରିବର୍ତ୍ତନ ଆଣିବା ପାଇଁ ଅତିଶୀଘ୍ର ଚାହୁଁଛନ୍ତି, କିନ୍ତୁ ଆପଣ ଚାପଗ୍ରସ୍ତ ହୋଇପାରନ୍ତି ଯାହା ପାରସ୍ପରିକ ସହଯୋଗର ଭାବ ଯୋଗୁଁ ହୋଇଥାଏ । ଆପଣ ଯେଉଁ ନେତୃତ୍ୱ ଶୈଳୀରେ ବିଦ୍ୟାଳୟ ସଂସ୍କୃତିକୁ ଗଢ଼ିବାକୁ ଯାଉଛନ୍ତି । ସେହି ଢଙ୍ଗକୁ ଅନ୍ୟମାନେ କିପରି ବ୍ୟାଖ୍ୟା କରନ୍ତି ଓ ସେମାନଙ୍କର ମନ୍ତବ୍ୟ କ'ଣ ତାହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ଆପଣ ନିଜକୁ ପଚାରନ୍ତୁ ଯାହାଦ୍ୱାରା ଆପଣଙ୍କୁ କିଛି ସହାୟତା ମିଳିପାରିବ ।

- ଏହି ସମସ୍ୟାକୁ ସମାଧାନ କରିବା ପାଇଁ ମୁଁ କେଉଁ କେଉଁ କାର୍ଯ୍ୟ କରୁଛି, କାହା ସହିତ ଆଲୋଚନା କରୁଛି ଓ କେଉଁ ଢଙ୍ଗରେ କରୁଛି ?
- ମୋର କାର୍ଯ୍ୟ କରିବାର ଢଙ୍ଗ ଓ ପ୍ରଣାଳୀରୁ ଅନ୍ୟମାନେ କେଉଁ ବର୍ତ୍ତା ଦେଇପାରିବେ ?
- ଆମେ ସୃଷ୍ଟି କରିବାକୁ ଚାହୁଁଥିବା ବିଦ୍ୟାଳୟ ସଂସ୍କୃତିର ଏହି ସମସ୍ୟାଗୁଡ଼ିକ ମୋ ପାଇଁ କ'ଣ ସୁଯୋଗ ପ୍ରଦାନ କରିବ ।

ଆପଣଙ୍କର କାର୍ଯ୍ୟ କରିବା ଢଙ୍ଗକୁ ଅନ୍ୟମାନେ କିପରି ଦୃଷ୍ଟିରେ ଦେଖୁଛନ୍ତି ସେ ବିଷୟରେ ସେମାନଙ୍କର ମତାମତ କ'ଣ ତାକୁ ଆଦାୟ କରନ୍ତୁ ଅନ୍ୟତଃ ଆପଣ ଖାଲି ଆନୁମାନିକ ଭାବେ ଆଗେଇବେ କିନ୍ତୁ ଅନ୍ୟମାନେ କ'ଣ ଚାହାନ୍ତି ସେ ପାଖରେ ପହଞ୍ଚିପାରିବେ ନାହିଁ । ଏହା ଆପଣଙ୍କ ଆତ୍ମବିଶ୍ୱାସକୁ ସୁଦୃଢ଼ କରିବ । ଆପଣ ଏହି ଉପାୟରେ କାର୍ଯ୍ୟ କରିବା ପାଇଁ ପ୍ରଥମତଃ ଆପଣଙ୍କର କୌଣସି ବିଶ୍ୱସ୍ତ ସହକର୍ମୀ ସହ ଆଲୋଚନା କରି ଆରମ୍ଭ କରିପାରନ୍ତି, ଯାହା ନିକଟରେ ଆପଣ ଖୋଲାଖୋଲି ଭାବେ ନିଜର ମନକଥାକୁ ପ୍ରକାଶ କରିପାରିବେ ।



**ଚିତ୍ର ୩ :** କାମ ଓ ସମ୍ପର୍କକୁ ଗୁରୁତ୍ୱ ଦେଉଥିବା ବିଦ୍ୟାଳୟର ମୁଖ୍ୟ

## ୩ ନିଜ ବିଦ୍ୟାଳୟର ସଂସ୍କୃତିର ଚିହ୍ନଟ ଓ ବିଶ୍ଳେଷଣ

ବିଦ୍ୟାଳୟଗୁଡ଼ିକ ବିଭିନ୍ନ ସକରାତ୍ମକ ସଂସ୍କୃତିର ସମ୍ମିଶ୍ରଣ ଆବଶ୍ୟକ କରେ । ତୁମ ବିଦ୍ୟାଳୟର ସଂସ୍କୃତି ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ପାଇଁ ସହାୟକ କି ନୁହେଁ ତାହା ମୂଲ୍ୟାୟନ / ଆକଳନ କରିବାକୁ ହେଲେ, ଆପଣ ପ୍ରଥମେ ଆପଣଙ୍କ ବିଦ୍ୟାଳୟର ସଂସ୍କୃତିକୁ ବୁଝିବା ଆବଶ୍ୟକ ଓ ବିଦ୍ୟାଳୟର ସଂସ୍କୃତିକୁ ସଂଗଠିତ ଭାବରେ ଅନ୍ୟ ଉତ୍ତରଦାୟୀମାନଙ୍କ ସହ ଆଲୋଚନା କରିବାକୁ ହେବ । ଏହି ପ୍ରକାର ସମସ୍ତଙ୍କ ସହଯୋଗର ଅନ୍ୱେଷଣ ବିଦ୍ୟାଳୟକୁ ବିଭିନ୍ନ ପ୍ରକାର ଭଲ କାର୍ଯ୍ୟ ଚିହ୍ନଟ ଓ ପାଳନ କରିବାକୁ ଏବଂ ପ୍ରଗତି ପଥରେ ଆଗେଇ ନେବାକୁ ସାହାଯ୍ୟ କରିଥାଏ ।

ଏହି ଅନ୍ୱେଷଣ ସମୟରେ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପଲବ୍ଧିକୁ ବିଦ୍ୟାଳୟର ସଂସ୍କୃତି ପ୍ରଭାବିତ କରିଛି ନା ନାହିଁ, ତାହା ଆପଣ ଆବିଷ୍କାର କରିପାରିବେ । ଆପଣଙ୍କର ଅନ୍ୱେଷଣ ଆପଣଙ୍କର ଅର୍ନ୍ତଦୃଷ୍ଟିକୁ ଏହି ଖୋରାକ୍ ଯୋଗାଇବା ଉଚିତ ଯେ ଆପଣ ବିଦ୍ୟାଳୟ ସଂସ୍କୃତିର ଗୋଟିଏ ପରିବର୍ତ୍ତନ ଆଶା କରୁଛ । ଯାହାଫଳରେ ଏହା ଆପଣଙ୍କୁ ଏକାଧାରରେ ଏକ ଉତ୍ତମ ବିଦ୍ୟାଳୟକୁ ବୁଝିବାରେ ଓ ଆପଣଙ୍କର ଲକ୍ଷ୍ୟ ପୂରଣ କରିବାରେ ତଥା ଆପଣଙ୍କର କାର୍ଯ୍ୟକାରିତା ବୃଦ୍ଧି କରିବାରେ ସାହାଯ୍ୟ କରିବ ।

ଆପଣ ଏବଂ ଅନ୍ୟ ଉତ୍ତରଦାୟୀମାନେ ବିଦ୍ୟାଳୟର ପ୍ରଚଳିତ ସଂସ୍କୃତିକୁ ସମାଲୋଚନା କରି ବୁଝାମଣାରେ କିପରି ଭାବରେ ପହଞ୍ଚିବେ ସେଥିପାଇଁ ଯୋଜନା କରନ୍ତୁ, କାରଣ ଏହା ସବୁବେଳେ ସଂସ୍କୃତିର ଗୋପନୀୟତାକୁ ଦୂରକରି ସକରାତ୍ମକ ଦିଗରେ ଆଗେଇ ଯିବାର ଲକ୍ଷ୍ୟ ରଖିଥାଏ ସବୁ ସମୟରେ, ଆମେ ନିଶ୍ଚିତଭାବେ ଦେଖିବା ଯେ ବିଦ୍ୟାଳୟ ସଂସ୍କୃତିର ପ୍ରଭାବ ଏକ ଦୀର୍ଘମିଆଦୀ ଓ ବିକାଶମୂଳକ ସ୍ଥିତିକୁ ଧରିରଖିଛି । ଏହାର ପ୍ରଭାବକୁ ବହୁ ସମୟକ୍ରମେ ଓ ବର୍ଷ ବର୍ଷ ପରେ ମଧ୍ୟ ଦେଖିପାରିବା ।

କାମ ଓ ସମ୍ପର୍କକୁ ଗୁରୁତ୍ୱ ଦେଉଥିବା ବିଦ୍ୟାଳୟ ମୁଖ୍ୟ ନିଜ ବିଦ୍ୟାଳୟର ସଂସ୍କୃତିକୁ ଚିହ୍ନଟ କରିବା ଓ ବିଶ୍ଳେଷଣ କରିବା କର୍ମଚାରୀ, ଶିକ୍ଷାର୍ଥୀ ଓ ସଂପୃକ୍ତ ବ୍ୟକ୍ତିଙ୍କ ସହ ଯଥାର୍ଥ ସାଧୁତାର ସହ ଖୋଲା ଭାବରେ କଥାବାର୍ତ୍ତା କଲେ ଆପଣଙ୍କ ବିଦ୍ୟାଳୟ ସଂସ୍କୃତି ବିଷୟରେ ଜାଣିହେବ । ବର୍ତ୍ତମାନ ଆପଣ ଅଭ୍ୟସ୍ତ ଥିବା କଥାବାର୍ତ୍ତାଠାରୁ ଏହା ଗୋଟିଏ ସ୍ୱତନ୍ତ୍ର ଧରଣର କଥାବାର୍ତ୍ତା ହୋଇପାରେ । (ପରିଶେଷରେ ଏହା ଏକ ଭିନ୍ନ ସମ୍ପର୍କ)

ଆପଣ ପରିବେଶଟିଏ ସୃଷ୍ଟି କରିବାକୁ ଚାହୁଁଛନ୍ତି, ଯେଉଁଠି ବିଦ୍ୟାଳୟ ସଂସ୍କୃତିକୁ ଖୋଜିବାକୁ ଆପଣ ସହକର୍ମୀମାନଙ୍କ ସହ ମିଶି କାମ କରିପାରିବେ । ବିଦ୍ୟାଳୟ ସଂସ୍କୃତିକୁ ଅନୁସନ୍ଧାନ କରିବାକୁ ହେଲେ ଆପଣ ନିମ୍ନରେ ଦିଆଯାଇଥିବା ମୁଖ୍ୟ ଦିଗଗୁଡ଼ିକୁ ଧ୍ୟାନ ଦେବେ ।

- ଅନ୍ୟକୁ ଶୁଣିବାର ଲକ୍ଷଣ – ମନେରଖନ୍ତୁ ପ୍ରମାଣ ସଂଗ୍ରହ କରିବା ବେଳେ ଆପଣ ସ୍ଥିର ରହିବେ, କିନ୍ତୁ ଆଗ୍ରହୀ ହେବେ ।
- ଆପଣଙ୍କର ମୁଖର ଭାବଭଙ୍ଗୀ ଓ କଥାବାର୍ତ୍ତାର ପ୍ରତିକ୍ରିୟା ଅନ୍ୟମାନଙ୍କୁ ସାଧୁ ରହିବା ପାଇଁ ବାରଣ କରିବ ।
- ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଯେଉଁଠି ଆପଣଙ୍କ କର୍ମଚାରୀମାନେ ଯାହା ପ୍ରକୃତରେ ଭାବୁଛନ୍ତି ସେଗୁଡ଼ିକର ଅଭିଜ୍ଞତା ବାଣ୍ଟିପାରିବେ । ବିଦ୍ୟାଳୟ ସଂସ୍କୃତିକୁ ବୁଝିବା ଲକ୍ଷ୍ୟ ସ୍ପଷ୍ଟ ରଖନ୍ତୁ ନିଶ୍ଚିତ କରନ୍ତୁ ଯେ ଏହା ସକରାତ୍ମକ ଓ ବିଦ୍ୟାଳୟକୁ ତାହାର ଲକ୍ଷ୍ୟ ଓ ପରିକଳ୍ପନାରେ ପହଞ୍ଚିବା ପାଇଁ ସହଯୋଗ କରିବ ।



**ଭିଡିଓ : ବିଦ୍ୟାଳୟ ନେତୃତ୍ୱ – ଆପଣଙ୍କ ବିଦ୍ୟାଳୟକୁ ଜାଣନ୍ତୁ**

## ଶିକ୍ଷଣକାର୍ଯ୍ୟ ୪ : ବିଦ୍ୟାଳୟରେ ପ୍ରଚଳିତ ସାଂସ୍କୃତିକ ପରିବେଶ ସମ୍ବନ୍ଧରେ ପ୍ରମାଣ ସଂଗ୍ରହ କରିବା

ଆପଣଙ୍କ ବିଦ୍ୟାଳୟର ବିକାଶ କାର୍ଯ୍ୟକ୍ରମରେ ଆପଣଙ୍କ ସହିତ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ଆପଣଙ୍କ ସହକର୍ମୀ କେତେ ଜଣଙ୍କୁ ଚିହ୍ନଟ କରନ୍ତୁ । ପ୍ରମାଣ ସଂଗ୍ରହ ପାଇଁ ବିସ୍ତୃତ ପରିମାଣର ସୁଯୋଗଗୁଡ଼ିକୁ ଚିହ୍ନଟ କରନ୍ତୁ ଏବଂ ବିଦ୍ୟାଳୟର ସାଂସ୍କୃତିକ ପରିବେଶ ଉପରେ ସେଗୁଡ଼ିକୁ ପ୍ରତିଫଳିତ କରନ୍ତୁ । ଏଥିରେ ନିମ୍ନଲିଖିତଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇପାରେ :

- ବିଦ୍ୟାଳୟ ଫାଟକ ନିକଟରେ ଆପଣଙ୍କ ସହିତ ଛିଡ଼ା ହେବେ ଏବଂ ସହକାରୀ କର୍ମଚାରୀବୃନ୍ଦ ଏବଂ ଶିକ୍ଷାର୍ଥୀମାନେ କିଭଳି ଢଙ୍ଗରେ ବିଦ୍ୟାଳୟକୁ ପ୍ରବେଶ କରୁଛନ୍ତି ତାହା ଲକ୍ଷ୍ୟ କରିବେ ।
- ବିଦ୍ୟାଳୟ ଗୃହର ସାଜସଜ୍ଜା ଏବଂ ଯତ୍ନ ସମ୍ବନ୍ଧରେ ଜାଣିବା ପାଇଁ ଦେଖିବା ପାଇଁ ବିଦ୍ୟାଳୟ ଚାରିପଟେ ସାଥି ହୋଇ ପ୍ରଦକ୍ଷଣ ।
- ଗୋଟିଏ ସମାବେଶ କିପରି ପରିଚାଳିତ ହେଉଛି ଅନୁଧ୍ୟାନ କରିବା ।
- କେତେକ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ଶ୍ରେଣୀଗୃହକୁ ଯିବା ସମୟରେ ଅନୁସରଣ କରିବେ ଏବଂ ସେମାନେ କିପରି ଭାବେ ଶ୍ରେଣୀରେ ଆନନ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ସମୟ ବିତାଉଛନ୍ତି ତାହା ପର୍ଯ୍ୟବେକ୍ଷଣ କରିବେ ।
- ଶିକ୍ଷକ ଓ ଶିକ୍ଷାର୍ଥୀ ପରସ୍ପରକୁ କିପରି ଅଭିନନ୍ଦନ ଜଣାଉଛନ୍ତି ତାହା ଜାଣିବେ ।
- ବିଦ୍ୟାଳୟ ନିୟମଗୁଡ଼ିକ କିପରି କାର୍ଯ୍ୟକାରୀ ହେଉଛି ତାହା ସମୀକ୍ଷା କରିବେ ।
- କୌଣସି ଦିନରେ ପ୍ରଥମ କାର୍ଯ୍ୟନିର୍ଘଣ୍ଟର ଆରମ୍ଭ କରୁଥିବା ଶିକ୍ଷକଙ୍କୁ ପର୍ଯ୍ୟବେକ୍ଷଣ କରିବେ ।
- ବିଦ୍ୟାଳୟର ସାଂସ୍କୃତିକ ପରିବେଶ ସମ୍ବନ୍ଧରେ ସହକର୍ମୀ, ଶିକ୍ଷାର୍ଥୀ ଏବଂ ପିତାମାତାଙ୍କର ମତାମତ ପାଇଁ ସେମାନଙ୍କୁ ପଚାରିବେ ।
- ଆପଣଙ୍କର ସହକାରୀ କର୍ମଚାରୀମାନଙ୍କ ସହିତ ସଂଗୃହୀତ ପ୍ରମାଣ ସମ୍ବନ୍ଧରେ ମତାମତ ପ୍ରଦାନ ।

ପ୍ରମାଣ ସଂଗ୍ରହରେ କିଛି ସମୟ ଅତିବାହିତ କରିବା ପରେ ଆପଣଙ୍କର ସହକର୍ମୀଙ୍କ ସହିତ ମତାମତ ପାଇଁ ଗୋଟିଏ ଶାନ୍ତ ପରିବେଶ ନିର୍ଦ୍ଧାରଣ କରିବେ । ଆପଣ ବିଦ୍ୟାଳୟର ସାଂସ୍କୃତିକ ପରିବେଶ ସମ୍ବନ୍ଧରେ ଯାହା ଯାହା ସବୁ ଉଦ୍ଭାବନ କରିଛନ୍ତି ଏବଂ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପରେ ଏଗୁଡ଼ିକର ସାମ୍ଭାବ୍ୟ ପ୍ରଭାବ ସମ୍ବନ୍ଧରେ ସେମାନଙ୍କ ସହିତ ଆଲୋଚନା ଓ ପରାମର୍ଶ କରିବେ । ଆପଣଙ୍କର କଥାବାର୍ତ୍ତା ବିଦ୍ୟାଳୟ ସାଂସ୍କୃତିକ ପରିବେଶର ଗୁଣାବଳୀଗୁଡ଼ିକ ରୂପ ପ୍ରଦାନ କରିପାରେ, ଯେଉଁଗୁଡ଼ିକ ପୂର୍ବରୁ ଚାରିତ୍ରିକ ଶିକ୍ଷା ପାଇଁ ସହଭାଗିତା ୨୦୧୦ (Character Education partnership, 2010) ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା:

- ସାମାଜିକ ପରିବେଶ
- ବୌଦ୍ଧିକ ପରିବେଶ
- ନିୟମ ଏବଂ ସରକାରୀ ନୀତି
- ପରମ୍ପରା ଏବଂ ନିତ୍ୟକର୍ମ
- ସହକାରୀ କର୍ମଚାରୀ ଓ ଶିକ୍ଷାର୍ଥୀଙ୍କୁ ସ୍ୱର ଉତ୍ତୋଳନର ସୁଯୋଗ ।
- ସମ୍ପର୍କ ଓ ବ୍ୟବହାର ପାଇଁ ମାନ ।

ଆପଣଙ୍କ ଶିକ୍ଷଣ ଡାଏରୀରେ ଏହି ପ୍ରକ୍ରିୟା ସମ୍ବନ୍ଧରେ ଆପଣଙ୍କର ନିଜସ୍ୱ ମତାମତ ଲେଖ ।

ତଥ୍ୟର ବ୍ୟବହାର କରିବା ହିଁ ହେଉଛି ପ୍ରମାଣ ସଂଗ୍ରହର ଉଦ୍ଦେଶ୍ୟ । ତଥ୍ୟ ସଂଗ୍ରହରେ ଅନ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଅନ୍ୟମାନେ କିପରି ଭାବେ ବିଦ୍ୟାଳୟର ସାଂସ୍କୃତିକ ପରିବେଶକୁ ଉପଲବ୍ଧି କରୁଛନ୍ତି, ତାହା ଆପଣ ଚିହ୍ନଟ କରିବାକୁ ସମର୍ଥ ହେବେ । ଅନ୍ୟମାନେ ଦାୟିତ୍ୱଭାର ନେଇ ଗୋଟିଏ ଫଳପ୍ରଦ ଶିକ୍ଷଣ ସାଂସ୍କୃତିକ ପରିବେଶ ବିକାଶରେ କ୍ଷମତାସମ୍ପନ୍ନ ହେବେ ଏବଂ ଏହା ଗୋଟିଏ ଅଧିକ ଅନ୍ତର୍ନିବେଶୀ ଏବଂ ଧାରଣୀୟ ସାଂସ୍କୃତିକ ପରିବେଶରେ ପରିଣତ ହୋଇପାରିବ । ଏଥିପାଇଁ ଉପଯୁକ୍ତ ଯୋଜନା ପ୍ରକ୍ରିୟା ଅନୁସରଣ ନିମନ୍ତେ ଉପଯୁକ୍ତ ବାତାବରଣ ଯୋଗାଇ ଦେବା ଏକାନ୍ତ ଜରୁରୀ, ଆପଣଙ୍କ ଶିକ୍ଷକଗଣ ବର୍ତ୍ତମାନ ଆଗେଇବା ପାଇଁ ଆପଣଙ୍କ ଆନ୍ତରିକ ଇଚ୍ଛାକୁ ବାସ୍ତବ ଅନୁଧ୍ୟାନ କରିବେ ଏବଂ ସେମାନେ ଆପଣଙ୍କ ସହିତ ପରବର୍ତ୍ତୀ ପର୍ଯ୍ୟାୟର କାର୍ଯ୍ୟ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ପାଇଁ ଇଚ୍ଛା ପ୍ରକାଶ କରିବେ ।

## କାର୍ଯ୍ୟବିଧି ୫: ଦଳ ସହ କାମ କରି ଦଳର ଉନ୍ନତକରଣ ପାଇଁ ପରିସରଗୁଡ଼ିକୁ ଚିହ୍ନଟ କରିବ ।

ଥରେ ଯଦି ଆପଣଙ୍କ କର୍ମଚାରୀମାନେ ରାଜି ହୋଇ ବିଦ୍ୟାଳୟର ସଂସ୍କୃତି ସମ୍ପର୍କରେ ତଥ୍ୟଗୁଡ଼ିକୁ ସଂଗ୍ରହ କରିଥିବେ। ତାହାହେଲେ ସେମାନଙ୍କର ନିଜର ବିଶ୍ୱାସ ସମ୍ପର୍କରେ ସ୍ପଷ୍ଟ ଭାବରେ କହିବା ପାଇଁ କୁହନ୍ତୁ । ଯଦି ଆପଣଙ୍କର ଶିକ୍ଷକମାନେ ରାଜି ତାହାହେଲେ ନିଜର କାର୍ଯ୍ୟାଳୟ/ବିଦ୍ୟାଳୟ କାର୍ଯ୍ୟ ପରେ ଉପଲବ୍ଧ ଥିବା ଶ୍ରେଣୀ କୋଠରୀରେ ଗୋଟିଏ କର୍ମଶାଳାର ଆୟୋଜନ କରନ୍ତୁ । କର୍ମଶାଳାର ପୂର୍ବରୁ ଆପଣଙ୍କ ଦଳର ସମସ୍ତ ଶିକ୍ଷକଙ୍କ ପାଇଁ ଦଶଟି ଲେଖାଁ କାଗଜର ଷ୍ଲିପ୍ ପୂର୍ବରୁ ପ୍ରସ୍ତୁତ କରି ରଖନ୍ତୁ । ଯେଉଁମାନେ ବିଦ୍ୟାଳୟକୁ ଉନ୍ନତ କରିବା ପାଇଁ ଚାହୁଁଛନ୍ତି ସେମାନେ ପ୍ରତିଟି ଷ୍ଲିପ୍‌ରେ ଦଳଗତ କାର୍ଯ୍ୟ ପାଇଁ ମାନଗୁଡ଼ିକ ଲେଖନ୍ତୁ ଏଗୁଡ଼ିକ ଗବେଷଣା ଉପରେ ଆଧାରିତ (ଷ୍ଟଲ୍ ଏବଂ ଫିନ୍‌କୁ ୧୯୯୬)

- ଆମେ ସମସ୍ତେ ଆମର ପରିକଳ୍ପନା ଲକ୍ଷ୍ୟଗୁଡ଼ିକୁ ଜାଣିବା।
- ଆମେ ସମସ୍ତେ ନିଜର ସଫଳତା ଓ ବିଫଳତା ପାଇଁ ଦାୟୀ ଅଟୁ।
- ଆମେ ସମସ୍ତେ ମିଶି କାମ କରିବା।
- ଆମେ ଯାହା କରୁ ସେଥିରୁ ଆମେ ସମସ୍ତେ ଅପେକ୍ଷାକୃତ ଅଧିକ ପାଇବାକୁ ଚାହୁଁ।
- ଆମେ ସମସ୍ତେ ଶିଖୁଛୁ ଏବଂ ଶିଖିପାରିବି।
- ଆମେ ସମସ୍ତେ ନୂତନ ଚିନ୍ତାଧାରାକୁ ପ୍ରୟୋଗ କରିବାକୁ ଚେଷ୍ଟା କରିଥାଉ।
- ଆମେ ସମସ୍ତେ ସାହାର୍ଯ୍ୟ ପାଇ ଥାଉ ଯେତେବେଳେ ଅଟକି ଯାଇଥାଉ।
- ଆମେ ଅନୁଭବ କରୁ ଯେ, ଆମେ ସମସ୍ତେ ଗୁରୁତ୍ୱପୂର୍ଣ୍ଣ।
- ଆମ ଭିତରେ ଥିବା ଭିନ୍ନତା ସମ୍ପର୍କରେ ପରସ୍ପର ମଧ୍ୟରେ ଆଲୋଚନା କରିଥାଉ।
- ଆମେ ସମସ୍ତେ ଆମର କାମକୁ ଉପଭୋଗ କରିଥାଉ।

କାଗଜର ଷ୍ଟ୍ରିପ୍‌ଗୁଡ଼ିକୁ ଶିକ୍ଷକମାନଙ୍କୁ ଦିଅନ୍ତୁ । ସେମାନଙ୍କୁ ବର୍ତ୍ତମାନ ବିଦ୍ୟାଳୟର ସ୍ଥିତିକୁ ଆଖି ଆଗରେ ରଖି ଯଥା : "ହାସଲ ହୋଇଛି ଓ ହାସଲ ହେବ" ଏହି ଦୁଇଟି ଶ୍ରେଣୀରେ ଶ୍ରେଣୀଭୁକ୍ତ କରିବାକୁ କହନ୍ତୁ । ଆପଣଙ୍କ ଦଳ କାମ କରୁଥିବା ବେଳେ ଆପଣ ମଧ୍ୟ ସେହି କାର୍ଯ୍ୟଟିକୁ ନିଜେ ଅଭ୍ୟାସ କରନ୍ତୁ । ତା'ପରେ 'ହାସଲ ହୋଇଛି' । ଷ୍ଟ୍ରିପ୍‌ଗୁଡ଼ାକକୁ ଗୋଟିଏ ଚାର୍ଟ କାଗଜରେ ଲଗାନ୍ତୁ ଏବଂ ହାସଲ ହେବାଗୁଡ଼ିକୁ ଅନ୍ୟ ଏକ ଚାର୍ଟ କାଗଜରେ ଲଗାନ୍ତୁ । ପ୍ରତ୍ୟେକ ତାଲିକାରେ କେତେ ଉକ୍ତି ଅଛି ସେଗୁଡ଼ିକୁ ଗଣନ୍ତୁ । ବର୍ତ୍ତମାନ ଉଭୟ କାଗଜରେ ଥିବା ଉକ୍ତିଗୁଡ଼ିକୁ ଲକ୍ଷ୍ୟ କରନ୍ତୁ । ସେଥିରୁ ବିଦ୍ୟାଳୟର ବର୍ତ୍ତମାନର ପରିସ୍ଥିତିର ରାଜିନାମା ଉପରେ ସଙ୍କେତ ମିଳିଥାଏ । ଆପଣ ହାସଲ କରିଥିବା ଅଭିଜ୍ଞତା ସମ୍ପର୍କରେ ଦଳରେ ଆଲୋଚନା କରନ୍ତୁ ।

କାର୍ଯ୍ୟଟି ଶେଷ ହେଲା ପରେ ଏହା ବର୍ତ୍ତମାନ ବିଦ୍ୟାଳୟର ସଂସ୍କୃତିର କେଉଁ କେଉଁ କ୍ଷେତ୍ରରେ ସେମାନଙ୍କ ସହମତି ଓ ବୁଝାମଣା ଅଛି ଓ କେଉଁ କେଉଁ କ୍ଷେତ୍ରରେ ସେମାନଙ୍କର ଅସହମତି ବା ସନ୍ଦେହ ଅଛି ସେଗୁଡ଼ିକୁ ଚିହ୍ନଟ କରିପାରିବେ । ଆପଣ ଦେଖିଥିବେ ଯେ ବିଦ୍ୟାଳୟର କେତେକ ଦିଗରେ ସେଥିମଧ୍ୟରୁ କେତେକ ଉକ୍ତିକୁ ପ୍ରୟୋଗ କରାଯାଇପାରେ କିନ୍ତୁ ସବୁତକ ନୁହେଁ ବା ସେଥିମଧ୍ୟରୁ କେତେକ ଉକ୍ତି ଦୃଢ଼ ଭାବରେ ହାସଲ କରିବା ତାଲିକାରେ ରହିଥିଲା ବୋଲି ଆପଣ ସିଦ୍ଧାନ୍ତରେ ପହଞ୍ଚି ପାରନ୍ତି । ଆପଣଙ୍କ ପାଇଁ ଏହି ସୂଚନାଗୁଡ଼ିକ ପ୍ରାରମ୍ଭିକ ପାହାଚ ସଦୃଶ କାମ କରିବ । ଆପଣ ଧ୍ୟାନ ଦେବାକୁ ଥିବା ପରିସରଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଜାଡ଼ିବାରେ ଏହି ସୂଚନାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହା ବି ହେଉ ଦଳର ମତାମତକୁ ସମୂହର ମତାମତ ବୋଲି ପ୍ରତିଷ୍ଠିତ କରିବା ଆବଶ୍ୟକ ।



**ଚିତ୍ର ୪ : ଦଳସହ କାମ କରି ଉନ୍ନତର ପରିସରଗୁଡ଼ିକୁ ଚିହ୍ନଟ କରନ୍ତୁ ।**

ଯେଉଁ ବିଦ୍ୟାଳୟଗୁଡ଼ିକ ପରିକଳ୍ପନା ହାସଲ କରିବାର ଗତିପଥକୁ ମୂଲ୍ୟାୟନ କରିବାକୁ ଚାହାନ୍ତି ତାହା ହେଲେ ସହାୟତା ପ୍ରଦାନର ପରିବେଶ ତିଆରି କରିବାକୁ ହେବ । ଯଦି ଆପଣ ଆପଣଙ୍କର ବିଦ୍ୟାଳୟକୁ ଶିକ୍ଷକମାନଙ୍କ ଶିକ୍ଷାଦାନକୁ ବିକଶିତ କରିବାର ସମୟ ଯେ ଆପଣଙ୍କର ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ବି ସେପରି କଥା କହିବେ । ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଆପଣଙ୍କୁ ଖୋଜି ବାହାର କରିବାକୁ ହେବ ଯେ ଆପଣଙ୍କର ଶିକ୍ଷାର୍ଥୀମାନେ ବି ବିଦ୍ୟାଳୟକୁ ତାଙ୍କର ପ୍ରିୟ ବୋଲି ବର୍ଣ୍ଣନା କରୁଛନ୍ତି କାରଣ ସେମାନେ ଜାଣିବାକୁ ଥିବା କଥାଗୁଡ଼ିକ ବିଦ୍ୟାଳୟରୁ ଶିକ୍ଷାର୍ଥୀମାନେ ଯେଉଁ ଧାରାରେ ଶିଖୁଛନ୍ତି ତାହାକୁ ତାଙ୍କ ମାତାପିତା ସେଥିରେ ରାଜି ହେଉଛନ୍ତି କି ନାହିଁ ଜାଣିବା ପରବର୍ତ୍ତୀ କାର୍ଯ୍ୟବିଧି ଆପଣଙ୍କୁ ଅନ୍ୟ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କର ମତାମତକୁ ବୁଝିବାରେ ସାହାଯ୍ୟ କରିବ ।

## ଶିକ୍ଷଣକାର୍ଯ୍ୟ ୬ : ଉତ୍ତରଦାୟୀଙ୍କ ସହିତ ନିଯୁକ୍ତ

ବିଦ୍ୟାଳୟ ସଂସ୍କୃତି ଉପରେ ବିଭିନ୍ନ ଉତ୍ତରଦାୟୀଙ୍କ ସାକ୍ଷାତକାର ପାଇଁ ଆପଣ ଆପଣଙ୍କ ଦଳ ସହିତ ଗୋଟିଏ ଯୋଜନା ତିଆରି କରନ୍ତୁ । ଏଥିରେ ମୁଖ୍ୟତଃ ଶିକ୍ଷାର୍ଥୀ ଏବଂ ମାତାପିତା ସମ୍ପୃକ୍ତ ରହିବେ । କିନ୍ତୁ ସ୍ଥାନୀୟ ବ୍ୟବସାୟୀ, ଗୋଷ୍ଠୀ ନେତା, ଧାର୍ମିକ ନେତାଙ୍କୁ ପଚାରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷା ଅଧିକାର ନିୟମ ୨୦୦୯ ଅନୁସାରେ ଏହା ବାଧ୍ୟତାମୂଳକ ଯେ ଶିକ୍ଷା ଅଧିକାର ନିୟମ ୨୦୦୯ ଅନୁସାରେ ଏହା ବାଧ୍ୟତାମୂଳକ ଯେ "ବିଦ୍ୟାଳୟ ପରିଚାଳନା ଗୋଷ୍ଠୀ, ନିଶ୍ଚିତ ଭାବରେ ନିମ୍ନଲିଖିତ କାର୍ଯ୍ୟ କରିବେ ।

- ବିଦ୍ୟାଳୟର କାର୍ଯ୍ୟକୁ ଯାଞ୍ଚ କରିବେ ।
- ବିଦ୍ୟାଳୟର ଉନ୍ନତି ଯୋଜନାର ପ୍ରସ୍ତୁତି ଓ ପ୍ରସ୍ତାବ ଦେବେ ।
- ଉପଯୁକ୍ତ ସରକାର ବା ସ୍ଥାନୀୟ ଅଧିକାରୀ ବା ଅନ୍ୟ ଉପାୟରେ ଆସୁଥିବା ସମ୍ବଳର ଉପଯୁକ୍ତ ବିନିଯୋଗର ଯାଞ୍ଚ କରିବେ।

ପ୍ରଶ୍ନଗୁଡ଼ିକ ଉପରେ ମତାମତ, ଯାହା ହୁଏତ ପଚରାଯାଇପାରେ, ଯଦିଓ ଆପଣଙ୍କ ପାଖରେ ଆପଣଙ୍କ ସଭ୍ୟଙ୍କର କାର୍ଯ୍ୟାବଳୀକୁ ନେଇ କିଛି ନିର୍ଦ୍ଦିଷ୍ଟ ପ୍ରଶ୍ନ ଥାଇପାରେ, ଏପରି କି ଆପଣ ସେହି ଅଂଶୀଦାରମାନଙ୍କୁ ଯେଉଁମାନେ ବିଦ୍ୟାଳୟର ପ୍ରତିଦିନର କାର୍ଯ୍ୟଧାରା ସହ ସମ୍ପୃକ୍ତ ନୁହଁନ୍ତି । ଅଲଗା ବା ଭିନ୍ନ ଧରଣର ପ୍ରଶ୍ନ ପଚାରିବା ଆବଶ୍ୟକ । ଆପଣ ପଚାରୁଥିବା ପ୍ରତିଟି ପ୍ରଶ୍ନ ନୂତନ ସଂସ୍କୃତି ଏବଂ ସେମାନେ ଅନୁଭବ କରୁଥିବା ସ୍ୱେଚ୍ଛାକୃତ / ସକାରାତ୍ମକ ସଂସ୍କୃତି ଉପରେ ପର୍ଯ୍ୟବେସିତ ହେଉଥିବା ଉଚିତ୍ ।

- ବିଦ୍ୟାଳୟର ଦୈନିକ ପରିଚାଳନା ଏବଂ ସେମାନେ ପସନ୍ଦ କରୁଥିବା ପରିଚାଳନା : ସମୟ ନିର୍ଘଣ୍ଟ ବିଦ୍ୟାଳୟ ଦୃଷ୍ଟିରୁ ଉପଯୁକ୍ତ କି ? କ'ଣ କଲେ ଗୋଟିଏ ଆଦର୍ଶ ସମୟ ନିର୍ଘଣ୍ଟ ହୋଇପାରିବ ? ସମୟ ନିର୍ଘଣ୍ଟ ନିର୍ଦ୍ଧାରଣ କଲାବେଳେ କେଉଁ ପ୍ରକାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ଏବଂ କେଉଁଗୁଡ଼ିକୁ ବାଦ୍ ଦିଆଯିବ ? ସମାନ ପରିସ୍ଥିତିରେ ଆମେ କ'ଣ କରିବା ଉଚିତ୍ ? ଶିକ୍ଷାର୍ଥୀମାନେ ତାଙ୍କର ଆବଶ୍ୟକତା ଏବଂ ଆଗ୍ରହକୁ କାହାକୁ କହିବେ ? କାହାକୁ ଏଥିପାଇଁ ଦାୟିତ୍ୱ ଦିଆଯିବ ? ସଭ୍ୟମାନେ / ବୃନ୍ଦ ଆବଶ୍ୟକୀୟ ସମ୍ବଳ ପାଇଁ କାହା ପାଖକୁ ଯିବେ ଜାଣିଛନ୍ତି କି ? ଯଦି ସେମାନେ ଅଧିକ ତଥ୍ୟ ଆବଶ୍ୟକ କରନ୍ତି ? ଏସବୁ ଦାୟିତ୍ୱ କିଏ ନେବା ଉଚିତ୍ ।
- **ଶିକ୍ଷାର୍ଥୀ ଏବଂ ସଭ୍ୟଙ୍କ ସଭ୍ୟଙ୍କ ଗୁଣାବଳୀ ଏବଂ ଆଶା କରାଯାଉଥିବା ଗୁଣାବଳୀ :** କେଉଁମାନଙ୍କୁ ବିଦ୍ୟାଳୟର ସମ୍ପତ୍ତି ବୋଲି ଭାବିବେ ? କିଛି ଗୁଣାବଳୀକୁ ଏଡ଼େଇ ଦିଆଯିବ କି ? ଶିକ୍ଷାର୍ଥୀମାନଙ୍କୁ କ'ଣ କରିବା ପାଇଁ ସୁଯୋଗ ଦିଆଯିବ ? ସେମାନଙ୍କୁ କ'ଣ କରିବା ପାଇଁ ଦିଆଯିବ ନାହିଁ ? ସଭ୍ୟମାନଙ୍କୁ ମଧ୍ୟ କ'ଣ କରିବାକୁ ଓ ନ କରିବାକୁ ଦିଆଯିବ ? ବିଦ୍ୟାଳୟର ମୁଖ୍ୟବ୍ୟକ୍ତି କେଉଁମାନେ ? ସେମାନେ କେଉଁ ପ୍ରକାର ମୂଲ୍ୟବୋଧ ଉପସ୍ଥାପନ କରନ୍ତି ?
- **ପ୍ରତ୍ୟେକ ଉତ୍ତରଦାୟୀଙ୍କର ଜୀବନର ଗୋଟିଏ ଦିନ ଏବଂ ପ୍ରତ୍ୟେକ ଆଶା କରୁଥିବା ବା ଚାହୁଁଥିବା ଦିନଟି :** ଜୀବନର ଗୋଟିଏ ଦିନ ନେତାଙ୍କର କିଭଳି ହେବା ଆବଶ୍ୟକ ? ଜଣେ ଶିକ୍ଷକ ଓ ଶିକ୍ଷାର୍ଥୀର ହାରାହାରି ଦିନଗୁଡ଼ିକ କିପରି ହେବା ଉଚିତ୍ ? ଶିକ୍ଷାର୍ଥୀମାନେ ପାଳନ କରୁଥିବା ଦିବସଗୁଡ଼ିକ ବିଭିନ୍ନ ପ୍ରକାର କାରଣ କ'ଣ ? ଶିକ୍ଷାର୍ଥୀମାନେ କିପରି ସହଯୋଗ ହାସଲ କରିବେ ? ସେମାନେ କିପରି ସହଯୋଗ ଆଶା କରିବେ ? ଶିକ୍ଷାର୍ଥୀମାନେ ନିଜର ସଂଘର୍ଷ ପାଇଁ କିପରି ସହଯୋଗ ପାଇବେ ? ସେମାନେ କିପରି ସମସ୍ତ ପ୍ରକାର ସହଯୋଗ ପାଇବା ଉଚିତ ?
- **ଉପଲବ୍ଧି ଏବଂ ସେମାନେ ଇଚ୍ଛା କରିଥିବା ଉପଲବ୍ଧି :** ଆପଣ ବିଦ୍ୟାଳୟ ସମ୍ବନ୍ଧରେ କ'ଣ କୁ ନେଇ ନିଜକୁ ଗର୍ବିତ ଅନୁଭବ କରିବେ ? ବିଦ୍ୟାଳୟ କ'ଣ ହାସଲ କଲେ ଆପଣ ନିଜକୁ ଆହୁରି ଅଧିକ ଗର୍ବିତ ଅନୁଭବ କରିବେ ? ପ୍ରକୃତରେ ପରିବର୍ତ୍ତନ ଚାହୁଁଥିବା ଏମିତି ଗୋଟିଏ ଜିନିଷ କ'ଣ ? ବିଦ୍ୟାଳୟ ତା'ର ପୁରାତନ ଅଭ୍ୟାସରୁ କୌଣସିଟି ଦୂରେଇ ଦେଇଛି କି ? ଗୋଟିଏ ବିରାଟ ପରିବର୍ତ୍ତନ ସେମାନଙ୍କ ପାଖରେ ଅଛି ତ ? ନୂତନ ଆବିଷ୍କାରର କିଛି ଇତିହାସ ଅଛି କି ? ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ସାମର୍ଥ୍ୟ ଉପରେ ବିଶ୍ୱାସ ଆଣିବା ପାଇଁ ଉପଯୁକ୍ତ ତ ? ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ କ'ଣ ପରିବର୍ତ୍ତନ ଆଣିଲେ ଶିକ୍ଷାର୍ଥୀମାନେ ନିଜର ସାମର୍ଥ୍ୟ ଉପରେ ଅଧିକ ଭରସା / ବିଶ୍ୱାସ କରିପାରିବେ ?
- **ଗୁରୁତ୍ୱ ବହନ କରୁଥିବା ଦିଗ ଏବଂ କ'ଣ ଦିଗ ହେବା ଉଚିତ :** କେଉଁଗୁଡ଼ିକ ଠିକ୍ ଚାଲିଛି ଏବଂ କେଉଁଗୁଡ଼ିକ ଉପଯୁକ୍ତ

ନୁହେଁ ବିଦ୍ୟାଳୟ କେଉଁ ଧାରା ଅନୁସରଣରେ ଆମେ ଜାଣିପାରିବା ? ଏହାଠାରୁ ଆମେ କିଛି ଭିନ୍ନ ଧାରାର ଅନୁସରଣ କରିପାରିବା କି ? ଏହି ଧାରାର ଦାୟିତ୍ୱରେ କିଏ ରହିବେ ଏବଂ କେଉଁମାନେ ଅଂଶଗ୍ରହଣ କରିବେ ? ଯେତେବେଳେ ଗୋଟିଏ ଅପ୍ରୀତିକର ପରିସ୍ଥିତି ଆସିବ, ତା' ସମ୍ବନ୍ଧରେ ବିଦ୍ୟାଳୟ କ'ଣ କରିବ ? ବିଦ୍ୟାଳୟ କାର୍ଯ୍ୟଟିକୁ ଭିନ୍ନ ଧରଣରେ କରିବା ଉଚିତ କି ? ବିଦ୍ୟାଳୟ ତା'ର ସ୍ଥିତି ପାଇଁ କେଉଁ ପ୍ରକାର ଘଟଣା ସହିତ ସାମ୍ନା କରିବ ? ବିଦ୍ୟାଳୟ ପରିଚାଳନା ଗୋଷ୍ଠୀ ସେମାନଙ୍କୁ କେମିତି ସାମ୍ନା କରିଥିଲେ ? ସମସ୍ୟା ସମାଧାନ ପାଇଁ ନିର୍ଦ୍ଦିଷ୍ଟ ଧାରା ଅଛି କି ? ଏ ପର୍ଯ୍ୟନ୍ତ ତା'ର ବ୍ୟବହାର କରାଯାଉଛି କି ? ବର୍ତ୍ତମାନର ପରିବର୍ତ୍ତନ କ'ଣ ? ସମସ୍ୟା ସମାଧାନ ପାଇଁ ଏହାଠାରୁ ଅଧିକ ଉପଯୁକ୍ତ ମାର୍ଗ ଅଛି କି ?

ଆପଣ ନିଜ ଦଳଠାରୁ ଉତ୍ତର ଠୁଳ କରି ବିଦ୍ୟାଳୟ ସଂସ୍କୃତି କେଉଁ ଦିଗ (ଯାହା ଏହି ବାର୍ତ୍ତାଳାପରୁ ନିର୍ଯ୍ୟାସ ହେଲା) ଶିକ୍ଷାର୍ଥୀମାନଙ୍କ ଉନ୍ନତି ଉପଲବ୍ଧିରେ ସାହାଯ୍ୟ, ସହଯୋଗ କରେ ଓ କ'ଣ ବାଧା ସୃଷ୍ଟି କରେ ତାହା ଚିହ୍ନଟ କରିବା ଉଚିତ୍ ।

ଗୋଟିଏ ସମୁଦାୟ ସଂସ୍ଥା କହିଲେ ବୁଝାଯାଏ ଯେଉଁଠାରେ ଉତ୍ତରଦାୟୀମାନେ ସଂସ୍କୃତିକୁ ଗୋଟିଏ ଢଙ୍ଗରେ ଦେଖୁଥିବେ ଏବଂ ସଂସ୍ଥାର ଲକ୍ଷ୍ୟ ପାଇଁ ଗୋଟିଏ ଦିଗରେ କାମ କରୁଥିବେ, ବିଦ୍ୟାଳୟଟିକୁ ଆପଣ ଚାହୁଁଥିବା ଦିଗପ୍ରତି ଆଗେଇନେବା ପାଇଁ ବିଦ୍ୟାଳୟ ପରିଚାଳନା ଗୋଷ୍ଠୀ ଆପଣଙ୍କୁ କେତେଦୂର ସାହାଯ୍ୟ କରୁଛନ୍ତି ? ଆପଣ ଆପଣଙ୍କର ସଭ୍ୟ, ଶିକ୍ଷାର୍ଥୀ ଏବଂ ମାତାପିତାଙ୍କ ଉକ୍ତିକୁ ଶୁଣିବା ବେଳେ ଆପଣଙ୍କର ଏଭଳି ଗୋଟିଏ ଅନୁଭୂତି ହୋଇଥିଲା କି ? ବିଦ୍ୟାଳୟର ସଂସ୍କୃତିକୁ ସୁହାଉଥିବା ବିଭିନ୍ନ ଦିଗ ଉପରେ ସେମାନଙ୍କର ମତାମତଗୁଡ଼ିକ ହେବା ଉଚିତ । କେଉଁ ଉତ୍ତରଦାୟୀମାନଙ୍କର ମତାମତ ଭିନ୍ନ ଏବଂ କାହିଁକି ତାହା ମଧ୍ୟ ଆପଣଙ୍କୁ ଜଣାଇବା ଉଚିତ । ସାଧାରଣ ଦିଗଠାରୁ ଏହି ଅଲଗା ଦିନରେ ଧ୍ୟାନ ଦେଲେ ତାହା ଆଗକୁ ବଢ଼ିବାରେ ସାହାଯ୍ୟ କରିବ ।

ଭିଡ଼ିଓ : ବିଦ୍ୟାଳୟ ନେତୃତ୍ୱ – ଶିକ୍ଷଣ ପରିବେଶ

ପରବର୍ତ୍ତୀ ଅଧ୍ୟାୟରେ ଆପଣ କିପରି ସକରାତ୍ମକ ସମ୍ମିଶ୍ରଣ ସଂସ୍କୃତିର ଉନ୍ନତି କରିପାରିବ ଯାହା କି ବିଦ୍ୟାଳୟଟିକୁ ଆମେ ଚାହୁଁଥିବା ଦିଗ ପ୍ରତି ଆଗେଇନେବି ତାହା ଆଲୋଚନା କରିବା ।

## ୪ ସକରାତ୍ମକ ସମ୍ମିଶ୍ରଣ ସଂସ୍କୃତିର ଉନ୍ନତି / ପ୍ରଗତି

ବର୍ତ୍ତମାନ ବିଦ୍ୟାଳୟ ପରିସରରେ ପ୍ରଚଳିତ ସଂସ୍କୃତି ଉପରେ ଆପଣ ବହୁତଗୁଡ଼ିଏ ପ୍ରମାଣ ସଂଗ୍ରହ କରିସାରିଥିବେ । ବିଦ୍ୟାଳୟ ସଂସ୍କୃତିର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆପଣଙ୍କର ନିଜସ୍ୱ ଚିନ୍ତାଧାରା (କାର୍ଯ୍ୟପନ୍ଥା-୧-୩) । ବିଦ୍ୟାଳୟ ପରିସରରେ କାର୍ଯ୍ୟ ଏବଂ ବ୍ୟବହାରର ପର୍ଯ୍ୟବେକ୍ଷଣ (କାର୍ଯ୍ୟ-୪) ଯେଉଁ ଦଳ ସହିତ କାର୍ଯ୍ୟ କରୁଛନ୍ତି ତାର ଭବିଷ୍ୟତ (କାର୍ଯ୍ୟ-୫) ଏବଂ ଅନ୍ୟ ଉତ୍ତରଦାୟୀମାନଙ୍କର ମତାମତ (କାର୍ଯ୍ୟ-୬)



ଚିତ୍ର ୫ :

ଏହି ପ୍ରମାଣଗୁଡ଼ିକୁ ଗୁରୁତ୍ୱର ସହ ବ୍ୟବହାର କରି ଆପଣ ମୁଖ୍ୟ ହିସାବରେ ମୁଖ୍ୟ ସମ୍ବନ୍ଧର ପ୍ରତିଫଳନ, ଅନ୍ୟମାନଙ୍କ ସହିତ ଆଲୋଚନା ଓ ଅନ୍ତର୍ଭୁକ୍ତ ଏବଂ କାର୍ଯ୍ୟପନ୍ଥାର ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ଅଟେ । ନିମ୍ନଲିଖିତ କାର୍ଯ୍ୟାବଳୀ ଏବଂ ଆଲୋଚନା ଆପଣଙ୍କୁ ଏହି କାର୍ଯ୍ୟଟି ଆରମ୍ଭ ପାଇଁ ସାହାଯ୍ୟ କରିବ ।

### ଶିକ୍ଷଣକାର୍ଯ୍ୟ-୭ : ଆପଣ ଏ ପର୍ଯ୍ୟନ୍ତ ଯାହା ପାଇଲେ ତାହା ଉପରେ ଦଳୀୟ ପର୍ଯ୍ୟାଲୋଚନା

ଆପଣ ସଂଗ୍ରହ କରିଥିବା ପ୍ରମାଣକୁ ଦଳ ସହିତ ପର୍ଯ୍ୟାଲୋଚନା ପାଇଁ କିଛି ସମୟ ଦିଅନ୍ତୁ । ଏମିତି ଗୋଟିଏ ନମୁନା ଉପରେ କାମ କରନ୍ତୁ, ଏଥିରେ ସମ୍ପୃକ୍ତ ଥିବା ଭାଗୀଦାରିମାନଙ୍କୁ ଯୋଡ଼ିଲେ କାମ କରିବାକୁ ହେବ ଏବଂ ନିମ୍ନଲିଖିତ ଗୋଟିଏ କିମ୍ବା ଦୁଇଟି ମୁଖ୍ୟ ଉକ୍ତି ସେମାନଙ୍କୁ ଗ୍ରହଣ କରିବା ପାଇଁ କୁହନ୍ତୁ (Character Edn. Partnership-2010)

- ସାମାଜିକ ପରିବେଶ
- ବୌଦ୍ଧିକ ପରିବେଶ
- ନିୟମ ଏବଂ ସରକାରୀ ନୀତି
- ପରମ୍ପରା ଏବଂ ନିତ୍ୟକର୍ମ
- ସହକାରୀ କର୍ମଚାରୀ ଏବଂ ଶିକ୍ଷାର୍ଥୀଙ୍କୁ ସ୍ୱରଉତ୍ତୋଳନର ସୁଯୋଗ
- ପିତାମାତାଙ୍କ ସହ ଫଳପ୍ରଦ ଭାବେ କାର୍ଯ୍ୟ କରିବାର ମାର୍ଗ ।
- ସମ୍ପର୍କ ଓ ବ୍ୟବହାର ପାଇଁ ମାନଦଣ୍ଡ ।

ଆପଣ ବିଚାର କରିଥିବା ସଂସ୍କାର ନିର୍ଦ୍ଦିଷ୍ଟ ଦିଗ ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ସେମାନେ ଦଳକୁ ଲିଖିତ ବିବରଣୀ ଫେରାଇ ଦେଇପାରିବେ ।

- ସକରାତ୍ମକ ଶିକ୍ଷଣ ସଂସ୍କୃତି ସ୍ଥାପନରେ ବିଦ୍ୟାଳୟରେ ପ୍ରଚଳିତ କାର୍ଯ୍ୟଗୁଡ଼ିକର କେଉଁ କେଉଁ ସ୍ୱତନ୍ତ୍ର ବୈଶିଷ୍ଟ୍ୟଗୁଡ଼ିକ ସବୁଠାରୁ ଅଧିକ ଫଳପ୍ରଦ ଭାବେ କାର୍ଯ୍ୟ କରୁଛି ?
- କେଉଁ କେଉଁ ସ୍ୱତନ୍ତ୍ର ବୈଶିଷ୍ଟ୍ୟଗୁଡ଼ିକ ଗୋଟିଏ ସକରାତ୍ମକ ଶିକ୍ଷଣ ସଂସ୍କୃତି ତିଷ୍ଠି ରହିବା ପାଇଁ ବାଧା ସୃଷ୍ଟି କରୁଛି ?
- ପରିସ୍ଥିତିରେ ଉନ୍ନତି ଆଣିପାରିବା ଭଳି ସମ୍ଭାବିତ କାର୍ଯ୍ୟପନ୍ଥା କିମ୍ବା ପରିବର୍ତ୍ତନ ସମ୍ବନ୍ଧରେ ଆପଣ ଆଲୋଚନା କରିଛନ୍ତି କି ?

ଅଦଳବଦଳ କରି ପ୍ରତ୍ୟେକ ଦିଗକୁ ଆପଣ ଥରେ ମାତ୍ର ବିଚାର କରିଛନ୍ତି, ସମ୍ପୂର୍ଣ୍ଣ ଦଳ ଭାବେ ଆପଣ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ଉଚିତ ।

୧. ବୁଲେଟ୍ ପଏଣ୍ଟଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ବିଦ୍ୟାଳୟ ପାଇଁ ଶକ୍ତିର (ସାମର୍ଥ୍ୟ)ର କ୍ଷେତ୍ର ବୋଲି ଆପଣ ଅନୁଭବ କରନ୍ତି ? ଅର୍ଥାତ୍ ଗୋଟିଏ ସକରାତ୍ମକ ଶିକ୍ଷଣ ସଂସ୍କୃତି ସ୍ଥାପନ କରିବାରେ ବୁଲେଟ୍ ପଏଣ୍ଟ ମଧ୍ୟରୁ କେଉଁଗୁଡ଼ିକ ଅଧିକ ଫଳପ୍ରଦ ଭାବେ କାର୍ଯ୍ୟ କରୁଛି ?

୨. ବୁଲେଟ୍ ପଏଣ୍ଟଗୁଡ଼ିକ ମଧ୍ୟରୁ କେଉଁ ବୁଲେଟ୍ ପଏଣ୍ଟର କ୍ଷେତ୍ରଗୁଡ଼ିକ ବିକାଶ ଆବଶ୍ୟକ କରେ ବୋଲି ଆପଣ ଅନୁଭବ କରନ୍ତି । ଅର୍ଥାତ୍ ବୁଲେଟ୍ ପଏଣ୍ଟଗୁଡ଼ିକ ମଧ୍ୟରୁ କେଉଁ ବୁଲେଟ୍ ପଏଣ୍ଟଗୁଡ଼ିକ ମଧ୍ୟରୁ କେଉଁ ବୁଲେଟ୍ ପଏଣ୍ଟଗୁଡ଼ିକ ଗୋଟିଏ ସକରାତ୍ମକ ଶିକ୍ଷଣ ସଂସ୍କୃତି ତିଷ୍ଠି ରହିବା କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ବିଦ୍ୟାଳୟର ଦିଗଗୁଡ଼ିକୁ ଚିତ୍ରିତ କରେ ।

ଆପଣଙ୍କ ଦଳ ଚରିତ୍ର ଶିକ୍ଷା ପାଇଁ ସହଭାଗିତା । CEP ସଂଜ୍ଞା ସମ୍ପର୍କରେ ଚିହ୍ନଟ କରିଥିବା ଆଲୋଚ୍ୟ ବିଷୟ / ପ୍ରସଙ୍ଗ ଏବଂ ଉପରଲିଖିତ ଦୁଇଟି ପ୍ରଶ୍ନର ଆପଣଙ୍କ ଉତ୍ତର ଆପଣଙ୍କ ବିଦ୍ୟାଳୟର ଶିକ୍ଷଣ ସଂସ୍କୃତିର ଉନ୍ନତି ପାଇଁ ଗୋଟିଏ କାର୍ଯ୍ୟ ଯୋଜନା ବିକାଶ ପାଇଁ ଆପଣଙ୍କ ପାଇଁ ଉପାଦାନ ଗଠନ କରିବ । ଶିକ୍ଷଣ କାର୍ଯ୍ୟ-୮ ଏହି ପ୍ରକ୍ରିୟାଟି ଆରମ୍ଭ ପାଇଁ ଆପଣଙ୍କୁ ସାହାଯ୍ୟ କରିବ, କିନ୍ତୁ ଆପଣଙ୍କର କାର୍ଯ୍ୟପନ୍ଥା ତିଆରି କରିବା ପୂର୍ବରୁ ପ୍ରଥମତଃ ଏହି ଏକକରେ ଥିବା କେତେକ ଅନ୍ତର୍ନିହିତ ପୁନଃଚିନ୍ତନ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆଲୋଚନା ଅନୁସାରେ ଗୋଟିଏ ବିଦ୍ୟାଳୟ ସଂସ୍କୃତିର ପରିବର୍ତ୍ତନ ଆବଶ୍ୟକ କରେ :

- ଶିକ୍ଷଣ କାର୍ଯ୍ୟଗୁଡ଼ିକ କିପରି କାର୍ଯ୍ୟରେ ପରିଣତ କରିବେ ଓ କ'ଣ କରାଯିବ, ସେ ସମ୍ବନ୍ଧରେ ସଚେତନ ହେବେ ।
- ବିଦ୍ୟାଳୟ ନେତା ଏବଂ ସହକର୍ମୀ, ସହକର୍ମୀ ଏବଂ ଶିକ୍ଷାର୍ଥୀ କିମ୍ବା ସହକର୍ମୀ ଏବଂ ପିତାମାତା ମଧ୍ୟରେ ହେଉଥିବା ପ୍ରତ୍ୟେକ ପାରସ୍ପରିକ କ୍ରିୟାରେ କିପରି ସାଂସ୍କୃତିକ ତଥ୍ୟଗୁଡ଼ିକ ପ୍ରେରିତ ହୋଇଥାଏ, ତାହାର ଗୁରୁତ୍ୱକୁ ବୁଝିବା ।
- ଦୀର୍ଘସମୟ ମଧ୍ୟରେ ଧୀର, ବର୍ଦ୍ଧନଶୀଳ ପରିବର୍ତ୍ତନ
- ବିଦ୍ୟାଳୟ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ ଆପଣଙ୍କ କାର୍ଯ୍ୟ ଯୋଜନା ସମ୍ବନ୍ଧରେ ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା ଏବଂ ବିଦ୍ୟାଳୟ ବିକାଶ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରିବେ ।

ଜଣେ ବିଦ୍ୟାଳୟ ମୁଖ୍ୟ ନେତା ଭାବରେ, ବ୍ୟବହାର, ମନୋଭାବ, ଆଶା ଏବଂ ପାରସ୍ପରିକ କ୍ରିୟାର ପୁନଃ ବିନ୍ୟାସ ଦ୍ୱାରା ଆପଣ ବିଦ୍ୟାଳୟର ସଂସ୍କୃତି ସ୍ଥାପନ କରିବାରେ ସାହାଯ୍ୟ କରନ୍ତି । ଏହା ଆପଣଙ୍କର ଶିକ୍ଷାର୍ଥୀଙ୍କ ପାଇଁ ଗୋଟିଏ ସକରାତ୍ମକ ଶିକ୍ଷକ ପରିବେଶ ପାଇଁ ସାହାଯ୍ୟ କରେ । ସଂସ୍କୃତିର ଆଦର୍ଶୀକରଣ ଏବଂ ବିଦ୍ୟାଳୟର ସ୍ୱପ୍ନ / ଅନ୍ତର୍ଦୃଷ୍ଟିରେ ଅଂଶଗ୍ରହଣ – ସଂସ୍କୃତିର ଏହି ଦୁଇଗୋଟି ଦିଗ ମାଧ୍ୟମରେ ସଫଳ ଶିକ୍ଷଣ, ପଥରେ ବାଧା ସୃଷ୍ଟି କରୁଥିବା ପ୍ରତିବନ୍ଧକଗୁଡ଼ିକୁ ଅନୁଧ୍ୟାନ କରି ସମାଧାନ କରାଯାଇପାରିବ ।

## ଶିକ୍ଷଣକାର୍ଯ୍ୟ-୮ : କାର୍ଯ୍ୟକାରୀ ଯୋଜନା

କାର୍ଯ୍ୟବିଧି-୭ ପାଇଁ ଆୟୋଜନ ହୋଇଥିବା କର୍ମଶାଳାରେ ଆପଣ ବିଦ୍ୟାଳୟ ସଂସ୍କୃତିର ବିଭିନ୍ନ ଦିଗକୁ ଚିହ୍ନଟ କରିଥିବେ ଯାହାକୁ ସମାଧାନ କରିବାର ଆବଶ୍ୟକତା ରହିଛି । ଯେଉଁ ଦିଗଗୁଡ଼ିକୁ ଆପଣ ସମସ୍ୟଶ ରୂପେ ଚିହ୍ନଟ କରିଛନ୍ତି ସେଗୁଡ଼ିକର ସହଜ ସମାଧାନ ଆପଣଙ୍କ ପାଖରେ ନାହିଁ (ଯଥା – ସାମାଜିକ ବାତାବରଣ) ସେଥିମଧ୍ୟରୁ କେତେକ ଜରୁରୀ ଅଟେ ଓ ଅନ୍ୟଗୁଡ଼ିକ ପରିବର୍ତ୍ତନ ନିମନ୍ତେ ଅନେକ ସୋପାନ ବିଶିଷ୍ଟ ଏକ ଦୀର୍ଘମିଆଦୀ ପ୍ରକଳ୍ପ ତିଆରି କରିପାରନ୍ତି ।

ଯଦି ସମ୍ଭବ ତାହାହେଲେ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦଳ ସହ ମିଶି ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରନ୍ତୁ ।

ସାମାଜିକ ବାତାବରଣ ଉନ୍ନତି ସମ୍ପର୍କିତ ଏକ ଉଦାହରଣ ସାରଣୀ-୩ରେ ନିମ୍ନରେ ଦିଆଯାଇଛି । ସମ୍ବଳ-୧ରେ ଗୋଟିଏ ଖୋଲା ସାରଣୀ ଦିଆଯାଇଛି । ପ୍ରଥମ ସ୍ତମ୍ଭରେ ଥିବା ମୁଖ୍ୟାଂଶକୁ ବ୍ୟବହାର କରନ୍ତୁ । ଉପର ତାଲିକାରୁ ଚରିତ୍ର ଗଠନ ପାଇଁ ଶିକ୍ଷା କାର୍ଯ୍ୟକ୍ରମର ପ୍ରତିଟି ସଂଜ୍ଞା ଦୃଷ୍ଟିରୁ ଦେଖନ୍ତୁ । ସମସ୍ୟାକୁ ବୁଝନ୍ତୁ ଓ ତା'ର ଜରୁରୀ ଦୃଷ୍ଟିରୁ ଲିପିବଦ୍ଧ କରନ୍ତୁ । ଆପଣ କ'ଣ କରିବାକୁ ଯାଉଛନ୍ତି ବର୍ଣ୍ଣନା କରନ୍ତୁ ଓ ଏହାକୁ କିପରି ଭାବରେ ଜଣେଇବେ । କେଉଁମାନେ ସାମିଲ ହେବେ ଦେଖାନ୍ତୁ ଏବଂ ଏହାର ସମୀକ୍ଷା କିପରି ଭାବରେ ହେବ ତା'ର

ପୁଙ୍ଖାନୁପୁଙ୍ଖ ବିବରଣୀ ଦିଅନ୍ତୁ ।

***ସାରଣୀ-୩ :*** *କାର୍ଯ୍ୟକାରୀ ଯୋଜନାର ଉଦାହରଣ*

| | |
|---|---|
| **ସଂସ୍କୃତିର ଦିଗ ଚରିତ୍ର ଗଠନ ପାଇଁ ଶିକ୍ଷା କାର୍ଯ୍ୟକ୍ରମ (ସଂଜ୍ଞା)** | ସାମାଜିକ ବାତାବରଣ, ବୌଦ୍ଧିକ ବାତାବରଣ, ନିୟମ ଓ ଧାରା ପରମ୍ପରା ଓ ରୁଟିନ୍, ପିଲା ଓ କର୍ମଚାରୀଙ୍କୁ ସ୍ୱର ଉତ୍ତୋଳନ ପାଇଁ ଅଧିକାର ଦେବା, ମାତାପିତାଙ୍କ ସହ ଫଳପ୍ରଦ ଭାବେ କାମ କରିବାର ଧାରା, ସମ୍ପର୍କ ଓ ବ୍ୟବହାର ପାଇଁ ମାନ ନିର୍ଦ୍ଧାରଣ କରିବା କେଉଁ ଦିଗ ଏ ସମସ୍ୟା ସହିତ ସମ୍ପର୍କିତ ତା'ତଳେ ଗାର ବା ଗୋଲ ବୁଲାନ୍ତୁ । |
| **ସମସ୍ୟା** | ଶିକ୍ଷଣ ପାଇଁ ଅଭିନନ୍ଦନର ପରିବେଶ ସୃଷ୍ଟି କରିବା |
| **ଜରୁରୀ (ଉପର / ସ୍ୱଳ୍ପ, ଉପର (ସ୍ୱଳ୍ପ ମିଆଦୀ)** | ମଝି ବା ଦୀର୍ଘ ମିଆଦି |
| **କିପରି (କାମ ବା ପାରସ୍ପରିକ କ୍ରିୟାର ପ୍ରକାର)** | ପ୍ରତିଟି ଶିକ୍ଷକ ଶ୍ରେଣୀ କୋଠରୀ ଦ୍ୱାର ପାଖରେ ହସ ହସ ମୁହଁରେ ଛିଡ଼ା ହେବେ ତ ଶିକ୍ଷାର୍ଥୀଙ୍କୁ ଅଭିବାଦନ ଜଣାଇବା ନିଶ୍ଚିତ କରନ୍ତୁ । |
| **ବିସ୍ତାର କରିବା (କିପରି ଭାବରେ କାମକୁ କରିବା ତ ଅନ୍ୟମାନଙ୍କୁ ପାରସ୍ପରିକ କ୍ରିୟା କରେଇବା)** | କର୍ମଚାରୀଙ୍କ ସହ ବୈଠକରେ ଆଲୋଚନା କରନ୍ତୁ ଓ ପରବର୍ତ୍ତୀ ବୈଠକରେ ଅଂଶଗ୍ରହଣ କ'ଣ ହୋଇଥିଲା ମନେପକାଇବା ପାଇଁ ଏକାଠି କରିବା । |
| **ସହଭାଗିତା (କର୍ମଚାରୀ, ଶିକ୍ଷାର୍ଥୀ, ମାତାପିତା ଓ ଅନ୍ୟମାନେ)** | ଅଧ୍ୟକ୍ଷ ଓ ତାଙ୍କ ଦଳ ବିଦ୍ୟାଳୟରେ ଆଦର୍ଶ ବ୍ୟବହାର ପ୍ରଦର୍ଶନ କରିବେ। ଏହି ପରିପ୍ରେକ୍ଷୀରେ ଶିକ୍ଷାର୍ଥୀଙ୍କ ପରିଷଦ ଓ ମାତାପିତାଙ୍କ ପରିଷଦ ଅଧିକ କରି ସୁଯୋଗ ପ୍ରଦାନ କରିବେ ସେ ବିଷୟରେ ଆଲୋଚନା କରିବେ । |
| **ସମୀକ୍ଷା (କିଏ କେଉଁ ଓ କିପରି)** | ଛଅ ସପ୍ତାହ ପରେ ବିଦ୍ୟାଳୟର ମୁଖ୍ୟ ବିଷୟ ପରିବର୍ତ୍ତନକୁ ଲକ୍ଷ୍ୟ କରିବା ପାଇଁ ଚାରିପାଖ ବୁଲିବେ ଓ କର୍ମଚାରୀମାନଙ୍କ ସହ ବୈଠକରେ ଆଲୋଚନା କରିବେ । |

ଆପଣ ଅନୁଭବ କରିବେ ଯେ ଏହାକୁ ସମ୍ପୂର୍ଣ୍ଣ କରିବା ଏକ ବଡ଼ ଆହ୍ୱାନ ଅଟେ । କିଏ କ'ଣ କିପରି ଶବଦରେ କହିବା ପ୍ରକୃତରେ କଷ୍ଟକର କିନ୍ତୁ ପରିବର୍ତ୍ତନ ପାଇଁ ଏହା କେବଳ ଏକମାତ୍ର ମାଧ୍ୟମ ଅଟେ । ଏହାକୁ ମନେରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଏହି କାର୍ଯ୍ୟକାରୀ ଯୋଜନା ଏକ ଦଲିଲ ଯେଉଁଥିରେ ଆପଣ ନୂତନ ପରିବର୍ତ୍ତନର ପ୍ରମାଣ ସହ ବଦଳେଇପାରିବେ । ଆପଣ କାର୍ଯ୍ୟର ପ୍ରାଥମିକତାକୁ ମଧ୍ୟ ବଦଳେଇ ପାରିବେ କିମ୍ବା ଦେଖିବେ ଯେ କର୍ମଚାରୀ, ଶିକ୍ଷାର୍ଥୀ ତ ମାତାପିତା କିଛି କାମକୁ ଅଧିକ ଅଗ୍ରାଧିକାର ଦେଉଛନ୍ତି । ତାହା ସମସ୍ତଙ୍କ ଦୃଷ୍ଟିକୁ ଆଣିପାରିବେ ।

ଏହା କହିବା ବାହୁଲ୍ୟ ଅଟେ ଯେ ଏହି କାର୍ଯ୍ୟକାରୀ ଯୋଜନା ଆପଣଙ୍କର ନୁହେଁ ଏହା ସମୁଦାୟ ଗୋଷ୍ଠୀର ଅଟେ । ମନେରଖନ୍ତୁ ଯେ ଏହାକୁ ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା କରିବେ ଓ ସେମାନଙ୍କର ସହମତି ଲୋଡ଼ିବେ । ତା'ପରେ ଆପଣ ସ୍ଥିର କରିବେ ଯେ ତାହାକୁ କର୍ମଚାରୀମାନଙ୍କ କୋଠରୀରେ ପ୍ରଦର୍ଶନ କରିବେ ବା ଶିକ୍ଷାର୍ଥୀ ଓ ମାତାପିତାଙ୍କ ପରିଷଦରେ ଆଲୋଚନା କରିବେ । ସେମାନଙ୍କୁ କାମ ସହିତ ସମ୍ପୃକ୍ତ କରି ରଖିବା ପାଇଁ ଆଲୋଚନା କରିବେ ।

ବିଦ୍ୟାଳୟରେ ପରିବର୍ତ୍ତନ କରିବା ସହଜ ହୁଏ ଯେଉଁଠି ଚାହିଁବା ଓ ସ୍ପଷ୍ଟ ଭାବେ କୈଫିୟତ ଦେଇଥାନ୍ତି ଯେ, "କାହିଁକି ଆମେ କାମଗୁଡ଼ିକୁ ସେଭଳି ଢଙ୍ଗରେ କଲୁ" ସବୁବେଳେ ବିଦ୍ୟାଳୟ ସଂସ୍କୃତିକୁ ସ୍ପଷ୍ଟଭାବେ ଜଣେଇବାକୁ ନିଶ୍ଚିତ କରିବା ଜଣେ ବିଦ୍ୟାଳୟ ମୁଖ୍ୟଙ୍କ ପାଇଁ କଷ୍ଟକର କାମ କିନ୍ତୁ ବିଦ୍ୟାଳୟ ପ୍ରାସଙ୍ଗିକତା ଦୃଷ୍ଟିରୁ ପ୍ରତିକ୍ରିୟା ପ୍ରକାଶ କରିବାକୁ ନିଶ୍ଚିତ କରିବା । ନିୟମିତ ଭାବେ ବିଦ୍ୟାଳୟର ରୁଟିନ୍‌କୁ ମୂଲ୍ୟାୟନ କରିବା ମଧ୍ୟ କଷ୍ଟକର ଅଟେ । କିନ୍ତୁ ମନେରଖନ୍ତୁ ଯେ, ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ଜଣେ ଆଦର୍ଶବାନ୍ ବ୍ୟକ୍ତି ଅଟନ୍ତି ।

## ୫ ସାରାଂଶ

ଏହି ଏକକଟି ସକାରାତ୍ମକ ବିଦ୍ୟାଳୟ ସଂସ୍କୃତିକୁ ବିସ୍ତୃତ ଭାବେ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛି ଏବଂ ବିଦ୍ୟାଳୟର ମୁଖ୍ୟଭାବେ ଆପଣ ବିଦ୍ୟାଳୟର କର୍ମଚାରୀ ଏବଂ ଅନ୍ୟମାନଙ୍କ ସହ ମିଶି ବିଦ୍ୟାଳୟରେ ପଠନ ସଂସ୍କୃତିକୁ କିପରି ଉନ୍ନତମାନର କାରଯିବ ସେ ସମ୍ବନ୍ଧରେ ସମୀକ୍ଷା କରିବା ଉଚିତ୍। ଏହି କାର୍ଯ୍ୟ ପ୍ରମାଣ ଏବଂ ପର୍ଯ୍ୟବେକ୍ଷଣ ଉପରେ ପର୍ଯ୍ୟବେକ୍ଷିତ। ଯଦି ଆପଣ ଆପଣଙ୍କ ବିଦ୍ୟାଳୟର ସମ୍ପୂର୍ଣ୍ଣ ବିକାଶ ଚାହାନ୍ତି ତେବେ ପୁନରାବର୍ତ୍ତନଶୀଳ ସମୀକ୍ଷା ଗୁରୁତ୍ୱପୂର୍ଣ୍ଣ ଅଟେ। ବିଦ୍ୟାଳୟରେ ଅନ୍ୟମାନଙ୍କୁ ବ୍ୟବହାର କରି ସମସ୍ୟାର ସମାଧାନ କରିବା, ଲକ୍ଷ୍ୟକୁ ସ୍ଥିର କରିବା ଏବଂ ଅଗ୍ରଗତିକୁ ସମୀକ୍ଷା କରିବା ଦ୍ୱାରା ଆପଣଙ୍କ ଲକ୍ଷ୍ୟ ଏବଂ ଅନ୍ୟମାନଙ୍କ ଲକ୍ଷ୍ୟ ଏକାନ୍ତର ହୁଏ ଏବଂ ଅନ୍ୟମାନେ ମଧ୍ୟ ପଠନର ବିକାଶ ସମ୍ପର୍କରେ ଅବଗତ ହୁଅନ୍ତି।

ଏହି ଏକକଟି ସମ୍ପୂର୍ଣ୍ଣ ବିଷୟବସ୍ତୁର ଏକ ଅଂଶ ଯାହା ଶିକ୍ଷା ଏବଂ ଶିକ୍ଷଣ ପ୍ରକ୍ରିୟା ରୂପାନ୍ତରର ଏକ ମୁଖ୍ୟ ଭାଗ ଅଟେ। (National College of School Leadership) ଉପରେ ଆଧାରିତ। ଏହା ଆପଣଙ୍କୁ ଅନ୍ୟ ଏକକଗୁଡ଼ିକରେ ଆପଣଙ୍କ ଶିକ୍ଷା ଏବଂ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ।

- ପ୍ରାଥମିକ ବିଦ୍ୟାଳୟ ଶିକ୍ଷାଦାନ-ଶିକ୍ଷଣ ଉନ୍ନତି ପାଇଁ ନେତୃତ୍ୱ ଦେବ ।
- ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାଦାନ-ଶିକ୍ଷଣର ଉନ୍ନତି ପାଇଁ ନେତୃତ୍ୱ ଦେବ ।
- ନିଜ ବିଦ୍ୟାଳୟକୁ ଆକଳନ କରିବା ପାଇଁ ନେତୃତ୍ୱ ଦେବା ।
- ଶିକ୍ଷାର୍ଥୀମାନଙ୍କର ବୃତ୍ତିଗତ ବିକାଶ ପାଇଁ ସହାୟତା ପ୍ରଦାନ
- ତଦାରଖ କରିବା ଓ ବ୍ୟକ୍ତିଗତ ପ୍ରଶିକ୍ଷଣ (coaching)
- ନିଜ ବିଦ୍ୟାଳୟରେ ସମସ୍ତଙ୍କୁ ସାମିଲ କରିବାକୁ ଉତ୍ସାହିତ କରିବା ।
- ଶିକ୍ଷାର୍ଥୀଙ୍କର ଫଳପ୍ରଦ ଶିକ୍ଷଣ ପାଇଁ ସମ୍ବଳଗୁଡ଼ିକୁ ପରିଚାଳନା କରିବା ।
- ନିଜ ବିଦ୍ୟାଳୟରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ମୁଖ୍ୟ ଭାବେ ନେତୃତ୍ୱ ଦେବ ।

## ସମ୍ବଳ

### ସମ୍ବଳ ୧ : କାର୍ଯ୍ୟକାରୀ ଯୋଜନା

***ସାରଣୀ ସ ୧.୧.*** *କାର୍ଯ୍ୟକାରୀ ଯୋଜନା*

| | |
|---|---|
| **ସଂସ୍କୃତିର ଦିଗ** | ସାମାଜିକ ବାତାବରଣ, ବୌଦ୍ଧିକ ବାତାବରଣ, ନିୟମ ଓ ଧାରା ପରମ୍ପରା ଓ ରୁଟିନ୍, କର୍ମଚାରୀ ଓ ପିଲାଙ୍କୁ ସ୍ୱର ଉତ୍ତୋଳନ ପାଇଁ ଅଧିକାର, ପିତାମାତାଙ୍କ ସହ ମିଶି ଫଳପ୍ରଦ ଭାବେ କାମ କରିବା ପ୍ରକ୍ରିୟା, ସମ୍ପର୍କ ଓ ବ୍ୟବହାର ପାଇଁ ମାନ (ଯେଉଁ ଦିଗଟି ଏହି ସମସ୍ୟା ସହିତ ସମ୍ପର୍କିତ ତା' ତଳେ ଗାର ବା ଗୋଲ ବୁଲାନ୍ତୁ) |
| **ସମସ୍ୟା ବା ସମସ୍ୟାଗୁଡ଼ିକ** | |

| | |
|---|---|
| ଜରୁରୀ (ବଡ଼/ଛୋଟ ମିଆଦି / କାର୍ଯ୍ୟକାଳ ମଧ୍ୟମ/ ଦୀର୍ଘମିଆଦୀ / କାର୍ଯ୍ୟକାଳ) | |
| କିପରି (କାର୍ଯ୍ୟଗୁଡ଼ିକ / କ୍ରିୟା ପ୍ରତିକ୍ରିୟାର ପ୍ରକାର ଭେଦ) | |
| ବିସ୍ତାର କରିବା କିପରି ଭାବରେ ଏହି କାର୍ଯ୍ୟର କିପରି ଭାବରେ ଭାଗ ନେବା / ଅନ୍ୟମାନଙ୍କ ସହ କ୍ରିୟା ପ୍ରତିକ୍ରିୟା | |
| ସହଭାଗିତା (କର୍ମଚାରୀ, ଶିକ୍ଷାର୍ଥୀ, ମାତାପିତା ଓ ଅନ୍ୟମାନେ)<br><br>ସମୀକ୍ଷା (କିଏ, ସମୟ ଅବଧି, କିପରି) | |

# References/bibliography


Bulach, C.R. (2001) ‘A 4-step process for identifying and reshaping school culture’, Principal Leadership, vol. 1, no. 8, pp. 48–51.

Character Education Partnership (2010) ‘Developing and assessing school culture: a new level of accountability for schools’ (online), position paper, May. Washington, DC: Character Education Partnership. Available from:http://www.character.org/uploads/PDFs/White_Papers/DevelopingandAssessingSchoolCulture.pdf (accessed 21 November 2014).

MacNeil, A.J., Prater, D.L. and Busc, S. (2009) ‘The effects of school culture and climate on student achievement’, International Journal of Leadership in Education, vol. 12, no. 1, pp. 73–84.

National Council of Educational Research and Training (2005) National Curriculum Framework, National Council of Educational Research and Training. Available from: http://www.ncert.nic.in/rightside/links/pdf/framework/english/nf2005.pdf (accessed 25 September 2014).

National University of Educational Planning and Administration (2014) National Programme Design and Curriculum Framework. Delhi: NUEPA. Available from: https://xa.yimg.com/kq/groups/15368656/276075002/name/SLDP_Framework_Text_NCSL_NUEPA.pdf (accessed 14 October 2014).

Pollard, A. and Triggs, P. (1997) Reflective Teaching in Secondary Education. London: Continuum.

Stoll, L. and Fink, D. (1996) Changing Our Schools: Linking School Effectiveness and School Improvement. Buckingham: Open University Press.


# Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes

the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.